### ପୂରଣ ହେବ ତାଳଦା ଦ୍ୱୀପାଞ୍ଚଳବାସୀଙ୍କ ସ୍ୱପ୍ନ

# ଅସ୍ତରଙ୍ଗରେ ପ୍ରଥମଥର ଦେଖିବାକୁ ମିଳିବ ବୋଷ୍ଟିଙ୍ଗ ଗାର୍ଡର ସେତୁ

ଅସ୍ତରଙ୍ଗ, ୪।୫(ସମିସ):





ଅସ୍ତରଙ୍ଗ ବ୍ଲକ ଅଧୀନ ଦେବୀନଦୀ ଭିତରେ ଥିବା ତାଳଦା ଦୀପାଞ୍ଚଳ ଯେଉଁଠି ଯାତାୟାତ ପାଇଁ ଏକମାତ୍ର ସାହାଭରସା ଡ଼ଙ୍ଗା। ବର୍ଷା ହେଉ କି ଖରା ଏପରିକି ବନ୍ୟା ସମୟ ରେ ମଧ ବିପଦ ଜନକ ଭାବରେ ଡଙ୍ଗାରେ ପାରିହେବାକୁ ପଡେ ଛୋଟ ଠାରୁ ବୟସ୍କ, ମହିଳା ଛାତ୍ରଛାତ୍ରୀଙ୍କୁ। ଗୋଟେ ଡଙ୍ଗାରେ ମଣିଷ, ଗାଡି, ଜିନିଷ ପତ୍ର ଏକାଠି ଯାଉଥିବାରୁ ଅନେକ ସମୟରେ ଛୋଟ ଛୋଟ ଦୁର୍ଘଟଣା ମଧ ହୋଇଥାଏ। ଅଞ୍ଚଳବାସୀ ବ୍ଲକ, ଥାନା, ମେଡିକାଲ, ତହସିଲ, ସ୍କୁଲ କଲେଜ ବଜାର ସବୁସ୍ତରରେ ଲୋକ ଡ଼ଙ୍ଗାର ସାହାରା ନିଅନ୍ତି। କିନ୍ତୁ ଏବେ ଫେରିବାକୁ ଯାଉଛି ଦୁଃଖ ଆଉ ସେହି ଅସୁବିଧା ଭୋଗିବାକୁ ପଡ଼ିବନି ଦ୍ୱିପାଞ୍ଚଳବାସୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ସେତୁ ଯୋଜନାରେ ପୂର୍ଣ୍ଣାଙ୍ଗ ରୂପରେଖ ନେବାକୁ ତାଳଦା ବିଜୁ ସେତୁ ରାଜ୍ୟ ସରକାରଙ୍କ ଉଦ୍ୟମ ଅଞ୍ଚଳବାସୀଙ୍କ ପାଇଁ ଅତୁଳନୀୟ ମାପକାଠି କହିଲେ ଅତ୍ୟୁକ୍ତି ହେବ ନାହି। କେବଳ ସେତିକି ନୁହେଁ ଅଞ୍ଚଳ ରେ ଶୋଭାବର୍ଦ୍ଧନ କରିବ ଏହି ଅତ୍ୟାଧୁନିକ ବୋଷ୍ଟିଙ୍ଗ ଗାର୍ଡର ସେତୁ, ଯାହା ଅଞ୍ଚଳରେ ପ୍ରଥମ। ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ୨୫ଜଣ ଶ୍ରମିକ, ୩ ଜଣ ଇଞ୍ଜିନିଅର, ଫେବ୍ରୀକେଟର, ମେକାନିକାଲ ଷ୍ଟାଫ ୨୫ଜଣ, ଯୁଦ୍ଧକାଳୀନ ଭିତ୍ତିରେ ଅନେକ ବାଦ ବିବାଦ ବିଳମ୍ବ ପରେ ଏହି ସେତୁ ପୂର୍ଣ୍ଣାଙ୍ଗ ହେବାକୁ ଯାଉଛି। ପୂର୍ବତନ କମ୍ପାନୀ ଏହି ସେତୁ ନିର୍ମାଣ କାର୍ଯ୍ୟ କରିଥିଲା, କିନ୍ତୁ ନଦୀର ଗଣ୍ଡରେ ଜଳସ୍ରୋତକୁ ଅବରୋଧ କରି ପିଲାର କରିବାରେ ସକ୍ଷମ ହୋଇନଥିଲା ଫଳରେ ବାରମ୍ବାର ଅନେକ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ସେଥିପାଇଁ କାମ ଅଧାରେ ବନ୍ଦ ହୋଇଥିଲା, କିନ୍ତୁ ଏହି କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପୁନର୍ବାର ୧୧କୋଟି ୮୭ଲକ୍ଷ ୬୫ହଜାର ୧୬୩ ଟଙ୍କାର ଅନ୍ୟ ଏକ ଟେଣ୍ଡର ହୋଇଥିଲା। ଏହି କାର୍ଯ୍ୟକୁ ଗ୍ରାମ୍ୟଉନ୍ନୟନ ବିଭାଗ, ଠିକାଦାର, ଗ୍ରାମବାସୀ ମିଳିତ ଉଦ୍ୟମ କରି ବର୍ତ୍ତମାନ ସେତୁ ପୂର୍ଣ୍ଣାଙ୍ଗ ରୂପ ନେବାକୁ ବସିଛି। ଯାହା ଅନୁମାନ କରାଯାଉଛି ସାଧାରଣ ନିର୍ବାଚନ ପୂର୍ବରୁ ଏହି ସେତୁ ସମ୍ପୂର୍ଣ୍ଣ ହେଇଯିବ, ଆଉ ତାଳଦାବାସୀଙ୍କ ସ୍ୱପ୍ନ ପୂରଣ ହେବ, ଆଉ ବିପଦ ସଙ୍କୁଳ ଭାବେ ଲେକଙ୍କୁ ଯାତ୍ରା କରିବାକୁ ପଡ଼ିବନି। ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ଅଞ୍ଚଳବାସୀ ପସନ୍ଦ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କାର୍-ବାଇକ୍ ମୁହାଁମୁହିଁ ଧକ୍କା; ମହିଳା ଗୁରୁତର

ଗୋପ, ୪।୫(ସମିସ): ଶନିବାର ଅପରାହ୍ନରେ ଗୋପ ଥାନା ଅଧିନ ଏରବଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ କାର୍-ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜୈନିକ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନାମୁତାବକ, ଶନିବାର ଅପରାହ୍ନରେ ଗିରିମା ଗ୍ରାମର ବିଳାସିନୀ ବାରିକ୍ ତାଙ୍କ ଭ୍ରାଇଁ ତାପସ ବାରିକଙ୍କ ସହ ବାଇକ୍‌ରେ ବସି ନିମାପଡ଼ାକୁ ଯାଉଥିବା ବେଳେ ବେଗୁନିଆ ପଟୁ ଆସୁଥିବା କାର୍ ଏରବଙ୍ଗ ପଞ୍ଚାୟତ ଅଫିସ୍ ନିକଟରେ ସମ୍ମୁଖରୁ ବାଇକ୍‌କୁ ଧକ୍କା ଦେବା ସହ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଫଳରେ ବାଇକ୍‌ରୁ ପଡ଼ି ବିଳାସିନୀ ଗୁରୁତର ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ବିଳାସିନୀଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ଗୁରୁତର ଥିବା ତାକୁ କ୍ୟାପିଟାଲ ହସ୍‌ପିଟାଲ ସ୍ଥାନାନ୍ତରିତ କରାଯାଇଥିବା ପୁଅ ପବିତ୍ର କୁମାର ବାରିକ କହିଛନ୍ତି। ଅପରପକ୍ଷେ ଗାଡ଼ି ଧକ୍କା କରି ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଥିବା ବେଳେ ଗୋପ ପୁଲିସ୍ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀ କହିଛନ୍ତି।

## ରାସ୍ତା ଖୋଳି ଠିକାଦାର ଛୁ, ଯାତ୍ରୀ ହନ୍ତସନ୍ତ



ନୟାହାଟ, ୪।୫(ସମିସ):ନୟାହାଟ ନିକଟସ୍ଥ ସୁହାଣପୁର ମୁସଲମାନ ସାହି ରାସ୍ତା କାମ କରିବା ପାଇଁ ଠିକାଦାର ଆଠ ଦିନ ତଳେ ରାସ୍ତାକୁ ଖୋଳି ପକାଇ ଦେଇଛନ୍ତି। ଯାହାଫଳରେ ସେହି ରାସ୍ତାରେ ଯାଉଥିବା ଗାଡି ଯାତାୟତରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ସ୍କୁଲ କଲେଜ, ବଜାରକୁ ଯାଉଥିଲା ସାଇକଲ, ବାଇକ୍ ଆରୋହୀଙ୍କ ଗଳି ପଡୁଥିବା ଦେଖିବାକୁ ମିଳୁଛି। ରାସ୍ତା ନିର୍ମାଣ ନହୋଇ ଖରାପ ହୋଇ ପଡ଼ି ରହିଥିବାରୁ ଆମ୍ବୁଲାନ୍ସ ଗାଡି ଯିବାକୁ ଭୟରେ ମନା କରିଦେଉଛନ୍ତି।ଯାହାଫଳରେ ରୋଗୀ ମେଡ଼ିକାଲକୁ ଯିବାକୁ ଅସୁବିଧାରେ ସମୁଖୀନ ହେଉଛନ୍ତି ବୋଲି ଅଞ୍ଚଳରେ ଅଭିଯୋଗ ହେଉଛି। ତୁରନ୍ତ ରାସ୍ତା କାମ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦହିପଣା ବାଣ୍ଟିଲେ ବାଳକ



କଣାସ, ୪।୫(ସମିସ): ଅସହ୍ୟ ରୌଦ୍ରତାପ ଯୋଗୁଁ ପ୍ରତ୍ୟେକ ଛକରେ ପଞ୍ଚାୟତ ଏବଂ ଗାଁ କଲ୍ୟାଣ ସମିତି ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଜିଲ୍ଲା କଣାସ ବ୍ଲକର କିଛି ପଞ୍ଚାୟତ ଓ ଗାଁ କଲ୍ୟାଣ ସମିତି ଜଳଛତ୍ର ନିଜନିଜ ଗାଁ ଛକରେ କରାଯାଇଛି। ଆଜି କଣାସ ବ୍ଲକ ଦୋକନ୍ଦା ପଞ୍ଚାୟତ ଦୋକନ୍ଦା ଗ୍ରାମର କେତେକ ନାବାଳକ ପଥିକମାନଙ୍କ ପାଇଁ ଦହିସର୍ବତ କରି ଦୋକନ୍ଦା ଗ୍ରାମ ନିକଟ ଛକରେ ଦହିପଣା ପଥିକମାନଙ୍କୁ ବାଣ୍ଟୁଥିବା ଦେଖିବାକୁ ମିଳିଥିଲା।

## ସ୍ୱସ୍ତି ସୁମନଙ୍କ ବାର୍ଷିକ ସ୍ମୃତିସଭା




ନିମାପଡ଼ା, ୪।୫(ସମିସ): ନିମାପଡ଼ା ଏନ୍‌ଏସି ଉପାଧକ୍ଷ ସନ୍ତୋଷ କୁମାର ଦାଶ ଓ ଶିକ୍ଷୟିତ୍ରୀ ପ୍ରଭାତୀ ମହାପାତ୍ରଙ୍କ ସୁପୁତ୍ର ଦିଗଂବତ ସ୍ୱସ୍ତି ସୁମନଙ୍କବାର୍ଷିକ ସ୍ମୃତିଚାରଣ ସଭା ଶନିବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ବରିଷ୍ଠ ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ବିଦ୍ୟାମନ୍ଦିରର ସଭାପତି ଶିକ୍ଷାବିତ୍ ନିର୍ମଳ କୁମାର ମିଶ୍ର, ସ୍ୱସ୍ତି ସୁମନଙ୍କ ବଡନନା ସରୋଜକାନ୍ତ ଦାଶ, ବିଦ୍ୟାମନ୍ଦିରର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କର, ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ପ୍ରଧାନ, ଚାରିଛକ ସାମ୍ବାଦିକ ସଂଘର ସଭାପତି ପ୍ରଫୁଲ୍ଲ କୁମାର କର, ନିମାପଡ଼ା ପ୍ରେସ କ୍ଲବର ପୂର୍ବତନ ସଭାପତି ଚିତ୍ତ ରଞ୍ଜନ ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀ ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱସ୍ତି ସୁମନଙ୍କ ସ୍ମୃତି ଚାରଣ କରିଥିଲେ। ସ୍ୱସ୍ତୀ ସୁମନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜଣେ ମେଧାବୀ ଛାତ୍ର ଥିଲେ। ସେ କଟକଜିଲ୍ଲା ଓଲଟପୁରସ୍ଥିତ ନିରତାରରେ ଡାକ୍ତରୀ ପଢୁଥିବା ସମୟରେ ୨୦୧୯ ମସିହା ଫନୀ ବାତ୍ୟାରେ ଦୁର୍ଘଟଣାରେ ତାଙ୍କର ଦେହାନ୍ତ ଘଟିଥିଲା। ବିଦ୍ୟାମନ୍ଦିରର ସ୍ୱସ୍ତି ସୁମନ ସାଙ୍ଗ ସାଥି ଓ ସମସ୍ତ ଗୁରୁଜୀ ଗୁରୁମା ସେହିଦିନ ଠାରୁ ପ୍ରତ୍ୟେକବର୍ଷ ବିଦ୍ୟାମନ୍ଦିରରେ ତାଙ୍କର ସ୍ମୃତିଚାରଣ ସଭା କରିଆସୁଛନ୍ତି। କାର୍ଯ୍ୟକ୍ରମକୁ ଗୁରୁମା ପ୍ରଯୁକ୍ତା ଦେଇ ପରିଚାଳନା କରିଥିେ। ଏହି ସ୍ମୃତିଚାରଣ ସଭାରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା, ଛାତ୍ରଛାତ୍ରୀ, ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଷ୍ଟାର ପ୍ରଚାରକ କାର୍ତ୍ତିକଙ୍କ ଗସ୍ତ ନେଇ ବୈଠକ



ବେଗୁନିଆ, ୪।୫(ସମିସ): ବେଗୁନିଆ ନିର୍ବାଚନ ମଣ୍ଡଳୀର ଆଗାମୀ ନିର୍ବାଚନ ସରଗରମ ଦେଖାଦେଇଛି। ବିଜେଡ଼ି ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଚଳିତ ମାସ ୯ ତାରିଖ ଅପରାହ୍ନରେ ଗସ୍ତକୁ ନେଇ ବେଗୁନିଆ ସଦର ମହକୁମା ସ୍ଥିତ ମା'ବରମୂଳେଇ ପୀଠରେ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ଯୋଗ ଦେଇ ଯୋଡ଼ିଶଙ୍ଖରେ ଭୋଟ ଦେବା ସହ ସଙ୍ଗଠନକୁ ସୁଦୃଢ଼ କରି କେମିତି ଶୃଙ୍ଖଳିତ ଭାବେ ଷ୍ଟାର ପ୍ରଚାରକ ଗସ୍ତ ସଫଳ ହେବ ସେ ଦିଗରେ ଆଲୋକପାତ କରିଥିଲେ। ବେଗୁନିଆ ବ୍ଲକ ଅଧକ୍ଷ, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ବିଜେଡ଼ି ଦଳର ସକ୍ରିୟକର୍ମୀମାନେ ଯୋଗ ଦେଇ ନିଜର ମତ ପ୍ରକାଶ କରିଛନ୍ତି।

## କୁହୁଡ଼ି ବିଜୁ ଭବନରେ ବୈଠକ



କୁହୁଡ଼ି, ୪।୫(ସମିସ) : କୁହୁଡ଼ି ବିଜୁ ଜନତା ଦଳର ସାଂଗଠନିକ ବୈଠକ ସ୍ଥାନୀୟ ବିଜୁ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ୧୦ନଂ ଜୋନର ସଭାପତି ମନୋଜ କୁମାର ମାନସିଂହ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଗାମୀ ସାଧାରଣ ନିର୍ବାଚନରେ ଦଳ କିଭଳି ଭାବରେ ଜନସମର୍ଥନ ଲାଭ କରି ଲୋକସଭା ଓ ବିଧାନସଭା ପ୍ରାର୍ଥୀ ବିଜୟ କରିବା ପାଇଁ ଆଲୋଚନା ହୋଇଥିଲା। ଖୋର୍ଦ୍ଧା ବିଜୁ ଜନତା ଦଳର ଉପସଭାପତି ମନୋଜ କୁମାର ମାନସିଂହ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ଜେନା ଓ ଟାଙ୍ଗୀ ବ୍ଲକ ଅଧକ୍ଷା ରିଶ୍ମା ମାନ୍ଧାତା ପ୍ରମୁଖ ଯୋଗଦେଇ ରାଜ୍ୟସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ, ସଫଳ ଯୋଜନା ଓ ଜନହିତକର ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଥିଲା।ପୂର୍ବତନ ଟାଙ୍ଗୀ ବ୍ଲକ ଅଧକ୍ଷ ଗୁରୁ ବେହେରା, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସୁବୁଦ୍ଧି, ପୂର୍ବତନ ସରପଞ୍ଚ ବିପିନ ଉଦୟସିଂହ, ଗଦାଧର ପାତ୍ର, କୁଞ୍ଜୁରୀ ସରପଞ୍ଚ ସୁଶାନ୍ତ ସାମନ୍ତରାୟ, ରାମଚନ୍ଦ୍ରପୁର ସରପଞ୍ଚ ମଧୁସୂଦନ ପଳାଇ, ସୁବାସ ଚନ୍ଦ୍ର ପ୍ରଧାନ, ପାରିଓରଡ ସମିତିସଭ୍ୟ ନବକିଶୋର ଚହଟରାୟ ପ୍ରମୁଖ ଉପସ୍ଥିତ ସହିତ ଅନ୍ୟାନ୍ୟ ନେତୃବୃନ୍ଦ ମଧ ଉପସ୍ଥିତ ଥିଲେ।

## ପୁଲିସ ଅଧିକାରୀଙ୍କ ବୁଥ୍ ପରିଦର୍ଶନ



କାଳୁପଡ଼ାଘାଟ, ୪।୫(ସମିସ): ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାପାଇଁ ଅଣ୍ଟାଭିଡିଲାଣି ପ୍ରଶାସନ। ଖୋର୍ଦ୍ଧା ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଟାଙ୍ଗୀ ପୁଲିସ ଥାନା ଅନ୍ତର୍ଗତ ବିଭିନ୍ନ ପୋଲିଂ ବୁଥ ପରିଦର୍ଶନ କରିଛନ୍ତି ଜିଲ୍ଲା ପୁଲିସ ଅଧିକାରୀ। ଖୋର୍ଦ୍ଧା ଜିଲ୍ଲା ଏସ୍‌ପି ଅବିନାଶ କୁମାରଙ୍କ ନେତୃତ୍ୱରେ ଟାଙ୍ଗୀ ଥାନା ଅନ୍ତର୍ଗତ ଟାଙ୍ଗୀ, ସୋରଣ, ଜରିପଡ଼ା, ଚଣ୍ଡେଶ୍ୱର, ଭୂଷଣ୍ଡ ପୁର ଆଦି ଅଞ୍ଚଳରେ ଥିବା ପୋଲିଂ ବୁଥ ବୁଲି ଭିତ୍ତିଭୂମି ତଦାରଖ କରିଛନ୍ତି ଏସ୍‌ପି ଅବିନାଶ କୁମାରଙ୍କ ସହ ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର, ଟାଙ୍ଗୀ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଟାଙ୍ଗୀ ଥାନା ଅଞ୍ଚଳରେ ମୋଟ ୧୨୧ଟି ବୁଥ ଥିବା ବେଳେ ୨ ଟି ଅତିଉତ୍ତେଜନା ପ୍ରବଣ ଏବଂ ୨୧ଟି ଉତ୍ତେଜନାପ୍ରବଣ ବୁଥଥିବା ଜଣାପଡ଼ିଛି।

## ସ୍ଥିତିବାନ ଜାଗାରେ ସରକାରୀ ରାସ୍ତା



ନୟାହାଟ, ୪।୫(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତର କଦମପାଟଣା ଗ୍ରାମରେ ସ୍ଥିତିବାନ ଜାଗାରେ ରାଧା ଦାମୋଦର ମଠକୁ ବ୍ଲକ ତରଫରୁ ୩ ଲକ୍ଷ ଟଙ୍କା ବ୍ୟୟଅଟକଳରେକଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ନିର୍ମାଣ କରାଯାଇଥିବା ଜାଗା ମାଲିକ ରାଧୁ ସ୍ୱାଇଁ ରାସ୍ତାକୁ କିଛି ଅଂଶ ଭାଙ୍ଗି ତାରବାଡ଼ କରିଥିବାର ଦେଖିବାକୁ ମିଳିଛି। ଏସମ୍ପର୍କରେ ଗୋପ ବ୍ଲକ ବିଡ଼ିଓ ଛବିରାଣୀ ସାହୁଙ୍କୁ ପଚାରିବାରୁ କହିଥିଲେ କୌଣସି ଲୋକଙ୍କ ସ୍ଥିତିବାନ ଜାଗା ଉପରେ ବିନା ଆଦେଶରେ କୌଣସି ସମୂହ ସରକାରୀ କାର୍ଯ୍ୟ ହୋଇପାରିବ ନାହିଁ। ଯେହେତୁ ସ୍ଥିତିବାନ ଜାଗାରେ ରାସ୍ତା ନିର୍ମାଣ କରାଯାଇଛି ସେଥିପାଇଁ ବିଲି ହୋଇ ପାରିବ ନାହିଁ ବୋଲି କହିଛନ୍ତି।

## ସ୍ୱାଧୀନପ୍ରାର୍ଥୀ ଭାବେ ନାମାଙ୍କନ କଲେ ରାଧାମୋହନ



ଡେଲାଙ୍ଗ, ୪।୫(ସମିସ): ଡେଲାଙ୍ଗ - ପିପିଲି ଜନକଲ୍ୟାଣ ମଞ୍ଚର ଆବାହକ ତଥା ବିଶିଷ୍ଟ ସାମାଜିକ କର୍ମୀ ରାଧାମୋହନ ଶନିବାର ସ୍ୱାଧୀନ ବିଧାୟକ ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ଜନକଲ୍ୟାଣ ମଞ୍ଚ ପକ୍ଷରୁ ଡେଲାଙ୍ଗ ହାଟବଜାରସ୍ଥିତ ମେଳଣ ପଡ଼ିଆରୁ ବିଶାଳ ବାଇକ୍ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ୫ ହଜାରରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ଡେଲାଙ୍ଗ ହାଟବଜାର, ବାଇଆବଜାର, ଡେଲାଙ୍ଗ ଷ୍ଟେସନ ବଜାର ପରିକ୍ରମା କରିବା ସହ ଶୋଭାଯାତ୍ରା ପିପିଲି ଅଭିମୁଖେ ଯାଇଥିଲା। ପିପିଲି ବଜାର ସହିତ ବିଭିନ୍ନ ଛକ ବଜାର ଦେଇ ପୁରୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ ରାଧାମୋହନ। ସେ ଡେଲାଙ୍ଗ -ପିପିଲି ଜନକଲ୍ୟାଣ ମଞ୍ଚର ଆବାହକ ଭାବେ ସ୍ଥାନୀୟ ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ବନ୍ୟା, ବାତ୍ୟା ଓ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ସମୟରେ ନିକଟରେ ପହଞ୍ଚି ସ୍ଥାନୀୟ ଅଞ୍ଚଳରେ ବିଶ୍ୱାସ ଭାଜନ ହୋଇପାରିଛନ୍ତି। ଶୋଭାଯାତ୍ରାରେ ଦୁର୍ଗାଚରଣ ରାଉତରାୟ, ଚଣ୍ଡେଶ୍ୱରପ୍ରଶାଦ ଦାସ, ମୁନିନ୍ଦା ସରପଞ୍ଚ ଶେଷଦେବ ବାରିକ୍, ଆଇନିଜୀବୀ ପ୍ରମୋଦ ପାତ୍ର, ଶ୍ୟାମସୁନ୍ଦର ସ୍ୱାଇଁ ପ୍ରମୁଖଙ୍କ ସହିତ ସ୍ଥାନୀୟ ଅଞ୍ଚଳର ୫ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ।

### ନିରୁଦ୍ଦିଷ୍ଟ



ନାମ-ସିଦ୍ଧାର୍ଥ ଦାସ @ ହେଲ୍‌ମେଟ୍ @ କଲ୍ୟାଣ, ବୟସ-୧୩, ବାପା-ଅଶୋକ ଦାସ, ମାଆ- ୰କୌଶଲ୍ୟା ଦାସ, ଶବର ସାହି, ବେଗୁନିଆପଡା, ଭଦ୍ରେଶ୍ୱର, କଟକ। ସେ ତା.୧୨.୦୮.୨୦୨୩ରିଖରେ ଉତ୍କଳ ବାଳାଶ୍ରମ, ନୂଆପଡା, କଟକରୁ କେଉଁ ଆଡ଼େ ଚାଲି ଯାଇଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି ତଳ ଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ।

ଯୋଗାଯୋଗ :
ଶ୍ରୀଯୁକ୍ତ ଚିତ୍ତ ରଞ୍ଜନ ରାଉତ, (ଆଇ.ଆଇ.ସି.) ମଧୁପାଟଣା ଥାନା
ମୋ- 7008178040

### ଚର୍ଚ୍ଚାରେ ଗୋପ ପୁଲିସର ମଦ ଜବତ ଘଟଣା

# ଦୁଇ ଜଣକୁ ଧରିଲେ; ଜଣକୁ ବାନ୍ଧିଲେ, ଜଣକୁ ଛାଡ଼ିଲେ

ଗୋପ, ୪।୫(ସମିସ):



ଗୋପ ପୁଲିସର ଚୋରାମଦ ବେପାରୀଙ୍କ ପ୍ରତି ଆନ୍ତରିକତା ଦେଖାଇବା ଦୁଇଜଣଙ୍କୁ ଧରି ଜଣକୁ ଛାଡି ଜଣକୁ ବାନ୍ଧିବା ଅଧିକ ମଦ ଜବତ କରି କମ ଦେଖାଇବା ପୁଲିସର କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ମଦ ଜବତ ସମୟର ଭିଡିଓ ଭାଇରାଲ ହେଉଥିବା ବେଳେ ଯେତିକି ମଦ ଜବତ ହୋଇଛି ତାର ଅଧାଦେଖାଇ ମାମଲା କରାଯାଇଛି। ଚର୍ଚ୍ଚାରେ ମଦ ଜବତ ସମୟର ଭିଡିଓ ଗୋପ ଥାନା ନାଗପୁରୁ ଅଞ୍ଚଳରେ ବ୍ୟାପକ ଚୋରା ମଦ ବ୍ୟବସାୟ ଚାଲିଥିବା ବେଳେ ଗୋପ ପୁଲିସ ସେମାନଙ୍କ ଉପରେ କଡା ନଜର ରଖିଥିଲା ଶନିବାର ଦିନ ନାଗପୁରୁ ଅଞ୍ଚଳର ଦୁଇଜଣ ମଦ ବ୍ୟବସାୟୀ ଗୋପ ବାଲିଘାଇ ରାସ୍ତାର ଛଇତନା ପଟୁ ବାଇକ୍ ରେ ଦୁଇ ବସ୍ତା ମଦ ନେଇ ଆସୁଥିବା ସମୟରେ ଉଗରପଡ଼ା ନିକଟରେ ଗୋପ ଥାନାର ଟିମ୍ ମାଡି ବସିଥିଲା। ଘଟଣାସ୍ଥଳରୁ ପୁଲିସ ଦୁଇ ଜଣଙ୍କୁ ପେଟ୍ରୋଲିଂ ଗାଡ଼ିରେ ବସାଇ ଆଣିବା ସହ ଦୁଇ ବସ୍ତା ମଦ ଆଣିବାର ଭିଡିଓ ଭାଇରାଲ ହୋଇଛି ପୁଲିସ ମଦ ଥାନାକୁ ଆଣିବା ପରେ ଦୁଇଜଣଙ୍କୁ ଅଟକ ମଧ ରଖିଥିଲା କିଛି ସମୟ ପରେ ପୁଲିସ ନିଜପଟୁ ମାମଲା ରୁଜୁ କରିଥିଲା। ସେଥିରେ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଗିରଫ କରିଥିବା ଦର୍ଶାଇ ୨୫ ଲିଟର ୨୦୦ ଗ୍ରାମ ମଦ ଜବତ ଦେଖାଇଛି। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେତିକି ମଦ ଜବତ ହୋଇଥିଲା ୫୦ଲିଟରରୁ ଅଧିକ ହେବ କିନ୍ତୁ ଗୋପ ପୁଲିସ ଅଧିକ ଜବତ କରି କମ ଦେଖାଇଛି। ଦୁଇଜଣ ଙ୍କୁ ଧରି ଜଣକ ନାମରେ ମାମଲା ଆଉଜଣଙ୍କୁ ଖସାଇ ଦିଆଯାଇଛି ଯେଉଁ ବ୍ୟକ୍ତି ଖସି ଯାଇଛନ୍ତି ସେ ଚୋରା ମଦ ବ୍ୟବସାୟର ମାଷ୍ଟର ମାଇଣ୍ଡ। ଏସମ୍ପର୍କରେ ଗୋପ ଥାନାର ଜଣେ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେଉଁ ଜଣକୁ ଛଡ଼ାଯାଇଛି ସେ ସହଯୋଗ କରିବା ପାଇଁ ଯାଇଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ନାରାୟଣ ସାହୁ
ବରିଷ୍ଠ ସମାଜସେବୀ,
ସୋଲପେଟା, କୋରେଇ, ଯାଜପୁର
ଆବିର୍ଭାବ: ୧୯.୦୮.୧୯୫୧ । ତିରୋଧାନ: ୨୫.୦୪.୨୦୨୪
ଆପଣଙ୍କ ଅନାବିଳ ସ୍ନେହଶ୍ରଦ୍ଧା ଓ ମାର୍ଗଦର୍ଶନ ଆମର ପାଥେୟ ହେଉ।
ଆପଣଙ୍କ ପ୍ରତିଟି ସ୍ମୃତି ଅଭୁଲା ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମା ବିରଜା ଓ ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ।
ଆପଣଙ୍କ ହତଭାଗ୍ୟ
ଜଗବନ୍ଧୁ, ବିଦ୍ୟାଧର, ଅକ୍ଷୟ, ଶ୍ରୀଧର, ସୁରେଶ, ପରେଶ, ଆନନ୍ଦ, ବିନୋଦ, ରଙ୍କୁ, ସୁବାସ, ପ୍ରମିଳା, ଜାନକୀ, ସବିତା, କବିତା, ସସ୍ମିତା, ରିତା, ଲିଜା, ଲିଟୁ, ଲିନୁ, ସୁଲଗ୍ନା, ଶ୍ରୀଭଶ୍ରୀ, ପ୍ରୀତି, ପ୍ରାଚୀ, ଓମ୍, ସାଇ, ରାମ, ଶ୍ୟାମ ଓ ଦାମ ଏବଂ ଜ୍ଞାତିକୁଟୁମ୍ବ, ବନ୍ଧୁବାନ୍ଧବ ଗ୍ରାମବାସୀ ଓ ଛାତ୍ରସମାଜ

୪/୫/୨୦୨୪ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୯୨,୪୫୮/- ସୁନା: ୦୧.୪୫୦ ଗ୍ରାମ୍ ରୁପା: ୧୦୯.୨୦୦ ଗ୍ରାମ୍





> ପ୍ରାର୍ଥିପତ୍ର ଦାଖଲର ଷଷ୍ଠ ଦିବସ
> ୧୦ ପ୍ରାର୍ଥୀ ଭରିଲେ ନାମାଙ୍କନ

# ବ୍ରହ୍ମଗିରିରୁ ଉପାସନା, ପୁରୀରୁ ସୁଜିତ







**ପୁରୀ, ୪।୫(ସମିସ)**

ପୁରୀ ଲୋକ ସଭା ଏବଂ ଏହା ଅଧୀନ ବିଧାନ ସଭା ନିର୍ବାଚନମଣ୍ଡଳୀ ଲାଗି ପ୍ରାର୍ଥିପତ୍ର ଦାଖଲ ଚାଲିଛି। ଆସନ୍ତା ୬ ତାରିଖ ନାମାଙ୍କନ ଦାଖଲର ଅବଧି ସରୁଥିବା ବେଳେ ଶନିବର ଷଷ୍ଠ ଦିବସରେ ୧୦ ଜଣ ପ୍ରାର୍ଥୀ ସେମାନଙ୍କର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁଜିତ୍ ମହାପାତ୍ର, ବହୁଜନ ସମାଜ ପାର୍ଟିରୁ ସୁରେନ୍ଦ୍ର ଭୋଇ, ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେପି ପ୍ରାର୍ଥୀ ଉପାସନା ମହାପାତ୍ର, ବହୁଜନ ସମାଜ ପାର୍ଟିରୁ ରାମଚନ୍ଦ୍ର ଭୋଇ, ମାନସ ଲୋକଦଳ ଶକ୍ତି ପକ୍ଷରୁ ସୁଜିତ କୁମାର ପାହାଣ, ସ୍ୱାଧୀନ ପ୍ରାର୍ଥୀ ପ୍ରଭାକର ଦଳାଇ, ସତ୍ୟବଦୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ବହୁ ଜନ ସମାଜ ପାର୍ଟିରୁ ଜଗନ୍ନାଥ ଭୋଇ, ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ୨ ଜଣ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଧାମୋହନ ଏବଂ ଅହମ୍ମନ ଖାନ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ପୁରୀ ଲୋକସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲ୍ଲୀପ ବରାଳ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସମସ୍ତ ପ୍ରାର୍ଥୀ ନିଜ ନିଜ ସମର୍ଥକଙ୍କ ସହ ଆସି ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ବିଧାୟିକା ପ୍ରାର୍ଥୀ ଉପାସନା ମହାପାତ୍ର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେ ବ୍ରହ୍ମଗିରି ଗଡ଼ରୋଡଙ୍ଗସ୍ଥିତ ନିଜ ବାସଭବନରୁ ଶୋଭାଯାତ୍ରାରେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପରେ ପୁରୀ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ସୁଜିତ୍ ମହାପାତ୍ର ଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବାହାରିଥିଲେ। ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଇ ଉପଜିଲ୍ଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଅନ୍ୟ ପ୍ରାର୍ଥୀମାନେ ନିଜ ନିଜ ନିର୍ବାଚନମଣ୍ଡଳୀର ରିଟର୍ଣ୍ଣି ଅଫିସରଙ୍କ ପାଖରେ ନାମାଙ୍କନ ଭରିଥିଲେ।

## ଧର୍ମେନ୍ଦ୍ରଙ୍କୁ ସୁପର ମିଛୁଆ ଉପାଧି ଦେଇଛନ୍ତି ଜନତା: ବିଜେଡି

> ଶ୍ରୀମନ୍ଦିର ପ୍ରକଳ୍ପକୁ ପାଇଖାନା ସହ ତୁଳନା କରିବାକୁ ମଧ୍ୟ ପଛାଇଲେ ନାହିଁ
> କେବଳ କୋଟି କୋଟି ଶ୍ରଦ୍ଧାଳୁ ନୁହେଁ, ବିଜେପି କର୍ମୀଙ୍କୁ ମଧ୍ୟ ଲଜ୍ଜିତ କରିଛନ୍ତି
> ଗର୍ବ ଛାଡ଼ି ପୁରୀ ଯାନ୍ତୁ, ମହାପ୍ରଭୁଙ୍କୁ କ୍ଷମା ମାଗନ୍ତୁ

**ଭୁବନେଶ୍ୱର, ୪।୫(ସମିସ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେବଳ ଲୋକଙ୍କ ବିକାଶକୁ ବିରୋଧ କରନ୍ତି ନାହିଁ, ତାଙ୍କ ରାଜନୀତିରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମଧ୍ୟ ବାଦ୍ ପଡ଼ିନାହାନ୍ତି। ସେ ଓଡ଼ିଆ ହୋଇ ସୁଦ୍ଧା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମହାପ୍ରଭୁଙ୍କ କାମରେ ବି ବାଧା ସୃଷ୍ଟି ପାଇଁ ଭରପୂର ଉଦ୍ୟମ କରିଥିଲେ। ମହାପ୍ରଭୁଙ୍କ ପରିକ୍ରମା ପ୍ରକଳ୍ପକୁ କେବଳ ପାଇଖାନା ପ୍ରକଳ୍ପ ବୋଲି କହି କୋଟି କୋଟି ଶ୍ରଦ୍ଧାଳୁଙ୍କ ଭବନାକୁ କୁଠାରାଘାତ ବୁଲାଇବା ପାଇଁ ଉଦ୍ୟମ କରୁଛନ୍ତି। ଏହା କେବଳ ଶ୍ରଦ୍ଧାଳୁଙ୍କୁ ବାଧି ନାହିଁ, ବରଂ ଖୋଦ୍ ବିଜେପି କର୍ମୀଙ୍କୁ ମଧ୍ୟ ଲଜ୍ଜିତ କରିଛି। ଏତେ ବଡ଼ ପ୍ରକଳ୍ପ ସଫଳତାର ସହ ଶେଷ ହେଉ ବୋଲି ଶ୍ରୀ ପ୍ରଧାନ ଚାହୁଁ ନଥିଲେ। ସେଥିପାଇଁ ଏତେ ମହାନ୍ କାର୍ଯ୍ୟକୁ ସେ ପାଇଖାନା ସହ ତୁଳନା କରିବାକୁ ପଛାଇଲେ ନାହିଁ। ଆମର ତାଙ୍କୁ ନିବେଦନ, ସେ ଥରୁଟିଏ ଗର୍ବ ଅହଂକାର ଛାଡ଼ି ପୁରୀ ଯାନ୍ତୁ। ସେଠାରେ ମହାପ୍ରଭୁଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ। ମହାପ୍ରଭୁ ହୁଏତ କ୍ଷମା କରିଦେବେ। ଏଥିସହ ଶ୍ରୀ ପ୍ରଧାନ ଭଲ କରି ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖନ୍ତୁ। ଫଳରେ ସେ ଜାଣିପାରିବେ କୋଟି କୋଟି ଶ୍ରଦ୍ଧାଳୁଙ୍କ ପାଇଁ ଏହି ପ୍ରକଳ୍ପ କେତେ ଉପାଦେୟ ହୋଇଛି। ଏହା ଲୋକଙ୍କ ଭାବାବେଗ ସହିତ କେତେ ଜଡ଼ିତ।

ଏହି ଅବସରରେ ବିଜେଡି ମୁଖପାତ୍ର ଡଃ ଲେନିନ୍ ମହାନ୍ତି କହିଛନ୍ତି, ଲୋକେ ଶ୍ରୀ ପ୍ରଧାନଙ୍କୁ ମିଛୁଆ ବୋଲି ଜାଣିଛନ୍ତି। ଗତକାଲି ସେ ଯେଉଁ ସାମ୍ବାଦିକ ସମ୍ମିଳନୀ କଲେ ତାହା ଦେଖି ଲୋକେ ତାଙ୍କୁ ସୁପର ମିଛୁଆ ବୋଲି କହିବା ଆରମ୍ଭ କରିଛନ୍ତି। ଯେଉଁ ପ୍ରକଳ୍ପକୁ ନେଇ ପ୍ରତିଦିନ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ଖୁସି ହେଉଛନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଉଛନ୍ତି, ତାକୁ ନିନ୍ଦିବାକୁ ସେ ପଛାଉନାହାନ୍ତି। କେବଳ ନିର୍ବାଚନ ଲଢୁଛନ୍ତି ବୋଲି କ'ଣ ମହାପ୍ରଭୁଙ୍କୁ ଅପମାନିତ କରିବେ। ତାଙ୍କୁ ନେଇ ରାଜନୀତି କରିବେ? ଓଡ଼ିଶାବାସୀ ସବୁ ଦେଖୁଛନ୍ତି, ଠିକଣା ସମୟରେ ଠିକଣା ଜବାବ୍ ଦେବେ ବୋଲି ଡଃ ମହାନ୍ତି କହିଛନ୍ତି।

ଯେଉଁ ପାପ କରିଛନ୍ତି, ତାହା ଅକ୍ଷମଣୀୟ। କିନ୍ତୁ ଏବେ ବି ସମୟ ଅଛି ସେ ସ୍ୱଚ୍ଛମନରେ ଗର୍ବ ଅହଂକାର ଛାଡ଼ି ମହାପ୍ରଭୁଙ୍କ ଶରଣାପନ୍ନ ହୋଇ କ୍ଷମା ମାଗନ୍ତୁ ବୋଲି ବିଜେଡି କହିଛି। ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି, କୋଟିକୋଟି ଶ୍ରଦ୍ଧାଳୁଙ୍କ ଆରାଧ୍ୟ ଦେବତା ହେଉଛନ୍ତି, ମହାପ୍ରଭୁ ଶ୍ରୀ ଜଗନ୍ନାଥ। କିନ୍ତୁ ଜଣେ ଓଡ଼ିଆ ହୋଇ... କରିଥିଲେ। ଏତିକିରେ ତାଙ୍କ ମନ ବୁଝିନଥିଲା, ସେ ପରିକ୍ରମା ପ୍ରକଳ୍ପକୁ ବି ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ।

ଶ୍ରୀମତୀ ଦେଓ କହିଛନ୍ତି, ଶ୍ରୀ ପ୍ରଧାନ ସାମ୍ବାଦିକ ସମ୍ମିଳନୀ କରି ଓଡ଼ିଆ ଅସ୍ମିତା କଥା କହୁଛନ୍ତି। କିନ୍ତୁ ସେ ଭୁଲି ଯାଉଛନ୍ତି ଯେ ରାଜନୀତି ପାଇଁ ଯେଉଁ ଯେଉଁ ଭୁଲ କରିଛନ୍ତି, ତାହାର କ୍ଷମା ନାହିଁ। ଓଡ଼ିଆ ଅସ୍ମିତା କଥା କହି ଓଡ଼ିଶାବାସୀଙ୍କୁ ଭୁଆଁ

## ପୁରୀରେ ପହଞ୍ଚିଲା ତୃତୀୟ ପର୍ଯ୍ୟାୟ ରଥକାଠ

# ଗୋଟିଏ ଟ୍ରେଲରରେ ଆସିଛି ୨୫ ଖଣ୍ଡ ଧଉରା



**ପୁରୀ, ୪।୫(ସମିସ)**

ଚଳିତବର୍ଷର ଘୋଷଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି ପର୍ବ। ରଥଯାତ୍ରାର ପ୍ରଥମ ସମନ୍ୱୟ ବୈଠକ ସରିଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଜାରି ରହିଛି। ଆସନ୍ତା ୧୦ ତାରିଖ ପବିତ୍ର ଅକ୍ଷୟ ତୃତୀୟାରୁ ତିନିରଥ ନିର୍ମାଣ ଅନୁକୂଳ ହେବ। ତେବେ ମହାପ୍ରଭୁଙ୍କ ରଥ ନିର୍ମାଣ ଲାଗି ତୃତୀୟ ପର୍ଯ୍ୟାୟ ରଥକାଠ ପୁରୀରେ ପହଞ୍ଚିଛି। ଶନିବାର ଗଞ୍ଜାମ ଘୁମୁସରରୁ ଗୋଟିଏ ଟ୍ରେଲରେ ଯୋଗେ ୨୫ ଖଣ୍ଡ ଧଉରା କାଠ ଆସିଛି। ଏଥିରେ ୪୦ ଫୁଟିଆ ୨୨ ଖଣ୍ଡ ଏବଂ ୨୦ ଫୁଟିଆ ୩ ଖଣ୍ଡ କାଠ ରହିଛି। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୫୩ ଖଣ୍ଡ ବଳକା ରହିଛି। ବାକି ୮୧୨ ଖଣ୍ଡ କାଠ ଏଥର ଆସିବ। ଏହି କାଠ ମଧ୍ୟରୁ ଶ' ମିଲକୁ ୪୩୧ ଖଣ୍ଡ ଏବଂ ରଥଖଳାକୁ ୩୮୧ ଖଣ୍ଡ କାଠ ଆସିବ। ଇତିମଧ୍ୟରେ ରଥଖଳାକୁ ତିନୋଟି ପର୍ଯ୍ୟାୟରେ ମୋଟ ୧୫୨ ଖଣ୍ଡ କାଠ ଆସିଥିବା ବେଳେ ଆହୁରି ୨୨୯ ଖଣ୍ଡ ଆସିବାକୁ ବାକି ରହିଛି। ପରମ୍ପରା ଅନୁଯାୟୀ, ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯାଇଥିଲା। ଆସନ୍ତା ୧୦ ତାରିଖ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବାର ବିଧି ରହିଛି।

## ପୁରୀ ଆଞ୍ଚଳିକ ପରିବହନ ବିଭାଗର ଚଢ଼ଉ

# ଉଲଙ୍ଘନକାରୀଙ୍କ ବିରୋଧରେ ରୁଜୁ ହୋଇଛି ୪୫ ମାମଲା

**ପୁରୀ, ୪।୫(ସମିସ):** ଟ୍ରାଫିକ ନିୟମ ଉଲ୍ଲଂଘନ କରି ଗାଡ଼ି ଚଳାଉଥିବା ଅମାନିଆଙ୍କୁ ସାବାଡ଼ କରିବା ଲାଗି ପୁରୀ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଧରପଗଡ଼ ଚାଲିଛି। ଅଚାନକ ହେଉଥିବା ଚଢାଉ ସମୟରେ ବେଆଇନ ଭାବେ ଗାଡ଼ି ଚଳାଚଳ କରୁଥିବା ଚାଳକଙ୍କ ବିରୋଧରେ ନିଆଯାଉଛି କଠୋର ପଦକ୍ଷେପ। ଏହି କ୍ରମରେ ଆରଟିଓ ରବୀନ ପଟ୍ଟନାୟକଙ୍କ ତତ୍ୱାବଧାନରେ ମିଳିତ ଭାବେ ଅବକାରୀ, ପୁଲିସ, ଆରଟିଓ ପକ୍ଷରୁ ଚଢାଉ କରାଯାଇଥିଲା। ଏଥିରେ ଏମ୍‌ଭିଆଇ ରାଜେଶ କୁମାର ମହାପାତ୍ର, ଆସିଷ୍ଟାଣ୍ଟ ଏମ୍‌ଭିଆଇ ଅମିତ କୁମାର ରଣା, ଟ୍ରାଫିକ ଇନ୍ସପେକ୍ଟର ସୁଶାନ୍ତ କୁମାର ପାତ୍ର ଏବଂ ଅନ୍ୟାନ୍ୟ ଏନ୍‌ଫୋର୍ସମେଣ୍ଟ ଟିମ୍‌ଙ୍କୁ ନେଇ ସହରର ବିଭିନ୍ନ ଛକରେ ଅଚାନକ ଚଢାଉ ହୋଇଥିଲା। ଏଥିରେ ବିଭିନ୍ନ ପ୍ରକାରେ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ଚାଳକଙ୍କୁ ଧରି ଜରିମାନା କରାଯାଇଥିଲା। ବିନା ହେଲ୍‌ମେଟରେ ୨ଟି, ଦ୍ରୁତଗତି ପାଇଁ ୨୫ଟି, ମଦ୍ୟପାନ କରି ଗାଡି ଚଳାଇବା ନେଇ ୧୧ଟି, ମୋବାଇଲ ବ୍ୟବହାର କରି ଗାଡି ଚଳାଇବା ନେଇ ୨ଟି ଏବଂ ଅନ୍ୟାନ୍ୟ ୫ଟି ମାମଲା ରୁଜୁ କରାଯାଇ ୫, ୦୮, ୩୧୮ ଟଙ୍କା ଜରିମାନା କରାଯାଇଥିଲା। ଏଥିରୁ ୨୯, ୪୧୬ ଟଙ୍କା ଆଦାୟ ହୋଇଛି। ସୂଚନାଥାଉ କି, କେତେକ ଗାଡିକୁ ଆର୍‌ଟିଓ ପକ୍ଷରୁ ଅଟକ ରଖାଯାଇଛି। ଆଗାମୀ ଦିନରେ ଏଭଳି ଚଢାଉ ଜାରି ରହିବ। ତେଣୁ ସଡକ ସୁରକ୍ଷା ନିୟମ ମାନି ଗାଡି ଚଳାଇ ନିଜ ଜୀବନ ସହ ଅନ୍ୟମାନଙ୍କ ଜୀବନ ସୁରକ୍ଷିତ ରଖିବାକୁ ଆର୍‌ଟିଓ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି।

# ଆଜାଦ ମଞ୍ଚ ପକ୍ଷରୁ ବ୍ଲକ୍ ସମ୍ମୁଖରେ ଧାରଣା




**ଡେଲାଙ୍ଗ, ୪।୫(ସମିସ)**

ଭାରତୀୟ ଆଜାଦ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଡେଲାଙ୍ଗ ବ୍ଲକର ଜେନାପୁର ପଞ୍ଚାୟତ ଅଧିନ ସାଦପଡ଼ା ଗ୍ରାମର ଅନୁସୂଚିତ ଜାତି ସାହିରେ ମା'ମଙ୍ଗଳା କମ୍ୟୁନିଟ ହଲ ନିର୍ମାଣ ପାଇଁ ଆସିଥିବା ଅର୍ଥରାଶିରେ ନିର୍ମାଣ କାମ ଆରମ୍ଭ କରିବା, ଯାତାୟତ ପାଇଁ ରାସ୍ତା ନିର୍ମଣା କରିବା, ସେହିପରି ଖେଳାଉର ପଞ୍ଚାୟତରେ ଭଡା, ଶୌଚାଳୟ, ଫନି ଓ ଆବାସ ଗୃହ ସହାୟତା ନେଇ ଭାରତୀୟ ଆଜାଦ ମଞ୍ଚ ଦାବି କରିଥିଲା। ଧରଣାରେ ମଞ୍ଚର ରାଜ୍ୟ ସଚିବ ରାଜକିଶୋର ବେହେରାଙ୍କ ନେତୃତ୍ୱରେ ପୁରୀ ଜିଲ୍ଲା ସମ୍ପାଦକ ବିପିନି ବେହେରା, ବ୍ଲକ ସଭାପତି ମନୋଜ ସୁବୁଦ୍ଧି, ଜାତୀୟ ଦଳିତ ମହାସଂଘ ରାଜ୍ୟ ସଭାପତି ଲିଟୁ ଦାସ, ଜିଲ୍ଲା ସଭାପତି ଜୟଦେବ ବେହେରା, ମହିଳା ସଭାନେତ୍ରୀ ସୁଷମା ବେହେରା, ମୀନତୀ ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ଜଗନ୍ନାଥ ଭୋଇ ପ୍ରମୁଖଙ୍କ ସମେତ ମହିଳା ପୁରୁଷ ସାମିଲ ହୋଇଥିଲେ। ଯଥାଶିଘ୍ର ଦାବି ଗୁଡିକ ପୂରଣ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

# ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା



**ପୁରୀ, ୪।୫(ସମିସ):** ପୁରୀ ଜିଲ୍ଲାର ଅନ୍ୟତମ ଅଗ୍ରଣୀ ବ୍ୟାୟାମଶାଳା ଲୀୟନ୍ସ ଫିଟ୍‌ନେସ ପକ୍ଷରୁ ପୁରୀ ସହରରେ ପ୍ରଥମଥର ପାଇଁ ପ୍ରଶିକ୍ଷାର୍ଥୀଙ୍କୁ ଅନୁଷ୍ଠିତ ହୋଇଛି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା। ପେଣ୍ଠକଟାସ୍ଥିତ ବ୍ୟାୟାମ ଶାଳାରେ ଦୁଇଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ସ୍ୱାସ୍ଥ୍ୟ ହିଁ ସମ୍ପଦ ଉକ୍ତିକୁ ଯଥାର୍ଥ ପ୍ରତିପାଦନ ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଉଭୟ ପୁରୁଷ ଓ ମହିଳା ଭାଗ ନେଇଥିଲେ। ମହିଳା ବିଭାଗର ଗାର୍ଲ୍ସ ଡେଡ୍‌ଲିଫ୍ଟରେ ରାକ୍ଷୀ ସ୍ୱାଇଁ, ବେବିନା ଜାଲି, ମହାଶ୍ୱେତା ପଡ଼ିଆରୀ, ପ୍ଲାଙ୍କରେ ମହାଶ୍ୱେତା ପଡ଼ିଆରୀ, ଚିନ୍ମୟୀ ଦାଶ ଓ ସୁରେଖା ପଟ୍ଟନାୟକ, ସ୍କ୍ୱାଟ୍‌ରେ ବେବିନା ଜାଲି, ପ୍ରତ୍ୟାଶା ଦଣ୍ଡପାଟ, ମହାଶ୍ୱେତା ପଡ଼ିଆରୀ, ବେଞ୍ଚ ପ୍ରେସ୍‌ରେ ପ୍ରଜ୍ଞା ସାମନ୍ତରାୟ, ବେବିନା ଜାଲି, ମହାଶ୍ୱେତା ପଡ଼ିଆରୀ ଯଥାକ୍ରମରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ପୁରୁଷ ବିଭାଗରେ ବଏଜ୍ ପୁଲ ଅପ୍‌ରେ ରାଜେଶ ରେଡ୍ଡୀ, ବିଶ୍ୱରଞ୍ଜନ ରାଉତ, ଏସ୍. ନବୀନ ରେଡ୍ଡୀ, ଡେଡ୍‌ଲିଫ୍ଟ ୬୫ କିଗ୍ରାରେ କାହ୍ନା ରାଓ, ଏସ୍. ନବୀନ ରେଡ୍ଡୀ, ରାକେଶ ମହାନ୍ତି, ଡେଡ୍‌ଲିଫ୍ଟ ୭୫ କିଗ୍ରାରେ ଓମ୍‌ପ୍ରକାଶ ମିଶ୍ର, ଚକ୍ରଧର ସାହୁ, ଆକାଶ ରାଉତ, ଡେଡ୍‌ଲିଫ୍ଟ ୯୦ କିଗ୍ରାରେ ବିଶ୍ୱଜିତ ଦାସ ମହାପାତ୍ର, ସୁଶୀଲ କୁମାର ପ୍ରଧାନ, ଯୁଗଳ ପ୍ରଧାନ, ବେଞ୍ଚ ପ୍ରେସ୍‌ରେ ପର୍ଶୁରାମ ରେଡ୍ଡୀ, ଏସ୍. ନବୀନ ରେଡ୍ଡୀ ଓ ବିଶ୍ୱଜିତ ଦାସ ମହାପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ସଂସ୍ଥାର ମୁଖ୍ୟ ଚିତ୍ତରଞ୍ଜନ ବେହେରା ପ୍ରମାଣପତ୍ର, ପଦକ ପ୍ରଦାନ କରି ଉତ୍ସାହିତ କରିଥିଲେ।

# ସଞ୍ଜୟ ଦାସ ବର୍ମାଙ୍କ ମାରାଥନ୍ ପ୍ରଚାର

**ସାକ୍ଷୀଗୋପାଳ, ୪।୫(ସମିସ):** ପ୍ରାର୍ଥୀପତ୍ର ଦାଖଲ ସରିବା ପରେ ବିଜେଡି ପ୍ରାର୍ଥୀ ପ୍ରଚାରକୁ ଆଉ ଏକ ପାଦ ଆଗେଇ ନେଇଛନ୍ତି। ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ସଞ୍ଜୟ ଦାସବର୍ମା ବିଜେଡି କର୍ମୀମାନଙ୍କୁ ସାଙ୍ଗରେ ଧରି ମାରାଥନ ପ୍ରଚାର ଜାରି ରଖିଛନ୍ତି। ଶନିବାର ସହସ୍ରାଧିକ କର୍ମୀମାନଙ୍କୁ ସାଙ୍ଗରେ ନେଇ ଶ୍ରୀ ଦାସବର୍ମା ବିଦ୍ୟାଧରପୁର ପଞ୍ଚାୟତର ୧୧ଟି ୱାର୍ଡ ପ୍ରତ୍ୟେକ ବ୍ୟକ୍ତିଙ୍କ ଘରକୁ ଯାଇ ଯୋଡି ଶଙ୍ଖ ଚିହ୍ନରେ ଭୋଟ ଦେବାପାଇଁ ନିବେଦନ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ



ଶ୍ରୀଦାସବର୍ମାଙ୍କୁ ଉତ୍ସସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ସନ୍ଧ୍ୟାରେ ବଳରାମପୁର ଗଡ଼ ପଞ୍ଚାୟତରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଚାରରେ ବିଦ୍ୟାଧରପୁର ପଞ୍ଚାୟତ ସରପଞ୍ଚ ଦୁଶାସନ ପ୍ରଧାନ, ସମିତି ସଭ୍ୟ ପ୍ରଫୁଲ ପ୍ରଧାନ, ସ୍ୱେଚ୍ଛାସେବୀ ସଙ୍ଗଠନ'ସ୍ୱଚ୍ଛ'ର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ଶୁଭାଶିଷ ଦାଶ, ସୁରେଶ କୁମାର ସାହୁ, ଗଣେଶ ପ୍ରଧାନ, ବ୍ଲକ ଉପାଧକ୍ଷାଙ୍କ ପ୍ରତିନିଧି ପ୍ରକାଶ ପ୍ରଧାନ ଓ ରାମଚନ୍ଦ୍ର ସାହୁଙ୍କ ସହିତ ବହୁ ଯୁବକ ସାମିଲ ହୋଇଥିବାର ଦେଖାଯାଇଥିଲା।

## ବିଜେପି ଛାଡ଼ିଲେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ

**ପୁରୀ, ୪।୫(ସମିସ):** ପାଖେଇ ଆସୁଛି ସାଧାରଣ ନିର୍ବାଚନ। ହେଲେ ନେତାଙ୍କ ଦଳବଦଳ ଏବଂ ଇସ୍ତଫା ପର୍ବରେ ବ୍ରେକ୍ ଲାଗି ନାହିଁ। ଏହି କ୍ରମରେ ଶନିବାର ବିଜେପି ଛାଡିଛନ୍ତି ବ୍ରହ୍ମଗିରି ୨୮ ନମ୍ବର ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁଧାକର ଭୋଳ। ସେ ତାଙ୍କ ଇସ୍ତଫା ପତ୍ର ଦଳର ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଛନ୍ତି। ଦଳରେ ତାଙ୍କୁ ଅଣଦେଖା କରାଯାଇଥିବା ନେଇ ସେ ଦଳ ଛାଡିଥିବା ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି।

## ନୀଳଗିରି ଚାର ଗଣେଶ ଗୁରୁଜ ଯାଗା ପଞ୍ଚାୟତ

# ନୂତନ କର୍ମକର୍ତ୍ତା ମନୋନୀତ

**ପୁରୀ, ୪।୫(ସମିସ):** ନରେନ୍ଦ୍ର କୋଣସ୍ଥିତ ଶ୍ରୀଶ୍ରୀ ନୀଳଗିରି ଚାର ଗଣେଶ ଗୁରୁଜ ଯାଗା ପଞ୍ଚାୟତ ଏକ ପୁରାତନ ଅନୁଷ୍ଠାନ। ଗତ ୩୦ ତାରିଖରେ ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠାନର ବୈଠକ ଗୃହରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମ୍ପାଦକ କେଶବ ଚନ୍ଦ୍ର ପରିଜା ଆର୍ଥିକ ବର୍ଷ ୨୦୨୨-୨୩ ଓ ୨୦୨୩- ୨୪ରେ ହୋଇଥିବା ଆୟ ଓ ବ୍ୟୟ ହିସାବ ସଭ୍ୟମାନଙ୍କୁ ଅବଗତ କରାଇଥିଲେ। ଅନୁଷ୍ଠାନରେ ଲାଗି ରହିଥିବା ବିଶୃଙ୍ଖଳା ଏବଂ ଅଶାନ୍ତିର ସମାଧାନ ପାଇଁ ସାହିର ବରିଷ୍ଠ ସଦସ୍ୟମାନଙ୍କୁ ନୂତନ କର୍ମକର୍ତ୍ତା ମନୋନୀତ କରାଯିବା ଲାଗି କୋଷାଦକ୍ଷ ଚିତ୍ତରଞ୍ଜନ ଦାଶ ପ୍ରସ୍ତାବ ଆଗତ କରିଥିଲେ। ଏହା ସର୍ବାଶ୍ରମତି କ୍ରମେ ପାରିତ ହୋଇଥିଲା। ସେହି ଅନୁଯାୟୀ ନୂତନ ସଭାପତି ଭାବେ ନିତ୍ୟ ପ୍ରସାଦ ପଟ୍ଟନାୟକ, ସମ୍ପାଦକ ନିମାଇଁ ଚରଣ ମହାନ୍ତି, ଉପ ସଭାପତି କ୍ଷେତ୍ରମୋହନ ସାହୁ, ଯୁଗ୍ମ ସମ୍ପାଦକ ତାରପ୍ରସାଦ ଦାଶ ଓ କୋଷାଧକ୍ଷ ଭାବେ ହରିବନ୍ଧୁ ପଣ୍ଡାଙ୍କୁ ମନୋନୀତ କରଯାଇଥିଲା।

## ନୟାଗଡ଼ ନିର୍ବାଚନ ମଣ୍ଡଳୀ; ମହିଳା କରୁଛନ୍ତି ପ୍ରଚାର

# ଗାଁ ଗାଁରେ ଶୁଭୁଛି 'ନବୀନ' ନାରା

ନୟାଗଡ଼, ୪।୫(ସମିସ): ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ତାର ପ୍ରଚାରକୁ



ଜୋର୍‌ଦାର୍ କରିଛି। ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ମହିଳା ବିଜୁ ଜନତା ଦଳର ସକ୍ରିୟ ସଦସ୍ୟମାନେ ପ୍ରଚାର କରୁଛନ୍ତି। ଉଭୟ ନୟାଗଡ଼ ବିଧାନସଭା ପ୍ରାର୍ଥୀ ଡ. ଅରୁଣ କୁମାର ସାହୁ, ପୁରୀ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କ ପାଇଁ ପ୍ରଚାରକୁ ଜୋରଦାର କରାଯାଉଥିବା ଦେଖାଯାଇଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିକାଶ ଓ ଉନ୍ନତି, ରୂପାନ୍ତରଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭିତ୍ତିଭୂମୀ ସୁଦୃଢ଼ୀକରଣ ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରି ସାରା ଦେଶରେ ରେକର୍ଡ ସୃଷ୍ଟି କରିବା ପାଇଁ ଆହ୍ୱାନ ଦିଆଯାଉଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀର ୪୭ ପଞ୍ଚାୟତ, ଓଡ଼ଗାଁ ଏନ୍‌ଏସି ଏବଂ ନୟାଗଡ଼ ପୌର ପରିଷଦର ବିଭିନ୍ନ ୱାର୍ଡରେ ବିଜୁ ଜନତା ଦଳର ପ୍ରଚାରକୁ ଜୋରଦାର କରାଯାଇଛି। ଗ୍ରୀନ କ୍ୟାମ୍ପେନ୍‌କୁ ନୟାଗଡ଼ ବିଧାୟକ ଗୁରୁତ୍ୱ ଦେଉଥିବା ବେଳେ ଏଭଳି ନିଆରା ଢଙ୍ଗରେ ପ୍ରଚାର ସମସ୍ତଙ୍କୁ ଆକର୍ଷିତ କରୁଛି। ଗତ ପଞ୍ଚାୟତ ନିର୍ବାଚନରେ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ୪୭ ପଞ୍ଚାୟତ ମଧ୍ୟରୁ ୪୨ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ବିଜୁ ଜନତା ଦଳ ସମର୍ଥିତ ସରପଞ୍ଚ ଏବଂ ସମିତିସଭ୍ୟ ପ୍ରାର୍ଥୀ ହୋଇଥିଲେ। ନୟାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜିଲ୍ଲା ପରିଷଦ ଜୋନ୍ ନଂ ୧, ଜୋନ୍ ନଂ ୨, ଜୋନ୍ ନଂ ୧୨, ଜୋନ୍ ନଂ ୧୩, ଜୋନ୍ ନଂ ୧୪, ଜୋନ୍ ନଂ ୧୫ରେ ବିଜୁ ଜନତା ଦଳ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେହିଭଳି ଭାବେ ପୌର ନିର୍ବାଚନରେ ବିଜେଡି ଏକ ପାଖିଆ ବିଜୟ ଲାଭ କରିଛି। ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ୬ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ପଞ୍ଚାୟତ ଓ ପୌର ନିର୍ବାଚନଠାରୁ ଅଧିକ ଭଲ ପ୍ରଦର୍ଶନ କରିବା ପାଇଁ ଆଶା କରିଛନ୍ତି। ଆଗାମୀ ନିର୍ବାଚନରେ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ୪୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ମୁଖ୍ୟମନ୍ତ୍ରୀ କରିଥିବା ବାର୍ତ୍ତାକୁ ମହିଳାମାନେ ଡୋର୍ କ୍ୟାମ୍ପେନିଂ କରି ଭୋଟରଙ୍କ ପାଖରେ ଉପସ୍ଥାପନ କରୁଛନ୍ତି।



## ରଣପୁରରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



ରଣପୁର, ୪।୫(ସମିସ): ଆଗକୁ ଆସୁଛି ସାଧାରଣ ନିର୍ବାଚନ, ତାକୁ ଆଖି ଆଗରେ ରଣପୁର ବ୍ଲକର ବିଭିନ୍ନ ସ୍ଥାନରେ ତଥା ଖାତିଆ ମହୁଲିଆ, ବେଗୁନିଆପାଟଣା, ଡମସାହି ରଙ୍କଦେଉଳି ସମସ୍ତ ଭୋଟର ନିଜ ନିଜର ମତଦାନକୁ କିପରି ଶାନ୍ତି ଶୃଙ୍ଖଳାର ସହିତ ମତଦାନ କରିବେ ଓ ନିର୍ବାଚନରେ ବିଶୃଙ୍ଖଳା ନକରିବେ, ସେ ଲାଗି ରଣପୁର ପୁଲିସ ତରଫରୁ ସାଧାରଣ ଜନତାଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ରଣପୁର ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଦର୍ପନାରାୟଣପୁର ଫାଣ୍ଡି ଅଧିକାରୀ ଧର୍ମେନ୍ଦ୍ର ଶିଆଳଙ୍କ ସହଯୋଗରେ ଯବାନଙ୍କୁ ନେଇ ଖତିଆ ପଞ୍ଚାୟତଠାରୁ ଆରମ୍ଭ କରି ରଙ୍କଦେଉଳି ପର୍ଯ୍ୟନ୍ତ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭାପୁର, ୪।୫(ସମିସ): ଭାପୁର ବ୍ଲକ ଶାଳପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପୂର୍ବତନ ସିଆରସି ଲକ୍ଷ୍ମୀଧର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗ୍ୟଲକ୍ଷ୍ମୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ପରିଚାଳନା କରିଥିଲେ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ମନୋଜ କୁମାର ଶତପଥୀ। ମୁଖ୍ୟ ଅତିଥିଭାବେ ବିଇଓ ଶଙ୍କର୍ଷଣ ଷଡଙ୍ଗୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ରାଜସୁନାଖଳା ଡିଆଇଇଟିର ଅଧ୍ୟକ୍ଷ ବିଜୟକୁମାର ତ୍ରିପାଠୀ, ଅତିରିକ୍ତ ଶିକ୍ଷା ଅଧିକାରୀ ସନ୍ତୋଷକୁମାର କର, କବି ନାରାୟଣ ଶୁକ୍ଳା, ଶିକ୍ଷକ ମୂରଲୀଧର ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେଶ କୁମାର ହୋତା, 'ମୋ ବିଦ୍ୟାଳୟ' ସଭାପତି ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ସ୍କୁଟି ଚାଳକ ଗୁରୁତର

ଓଡ଼ଗାଁ, ୪।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ନୟାଗଡ଼-ଓଡଗାଁ ୨୧ ନମ୍ବର ରାଜ୍ୟ ରାଜପଥ ଓଡ଼ଗାଁ ଏନ୍‌ଏସି କଦଳୀବନ୍ଧ ସରକାରୀ ଚାଉଳ ଗୋଦାମ ଓ ସତସଂଗ ବିହାର ସାମ୍ନାରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଘଟଣାଘଟି ସ୍କୁଟି ଚାଳକ ଗୁରୁତର ହୋଇପଡ଼ିଥିବା ଜଣାଯାଇଛି। ଚାଳକ ଜଣକ ତାଙ୍କ ଝିଅକୁ ସ୍କୁଟିରେ ବସାଇ ଶାଶୁଘର ଓଡ଼ଗାଁ ଆସୁଥିଲେ।ରାସ୍ତାର ସୌନ୍ଦର୍ଯ୍ୟ ବୃଦ୍ଧି ଓ ପ୍ରସସ୍ତିକରଣ ଲାଗି ଉଭୟ ପାର୍ଶ୍ୱ ଖୋଳାଯାଇଥିବା କୌଣସି ସଙ୍କେତ ଦିଆଯାଇ ନାହିଁ।ଖାଲ ଗୁଡ଼ିକରେ ରାସ୍ତା ଉପର ପର୍ଯ୍ୟନ୍ତ ଠାଏ ଠାଏ ବାଲି ଓ ମେଟାଲ ଗଦା ହୋଇଥିବା କାରଣରୁ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି।ସୂଚନା ଥାଉକି ଗତ ଅପ୍ରେଲ ୨୨ ତାରିଖ ରାତିରେ ଉପରୋକ୍ତ କାରଣ ପାଇଁ ଓଡ଼ଗାଁ ଏନ୍‌ଏସି କଦଳୀବନ୍ଧ ସତସଂଗ ବିହାର ସାମ୍ନାରେ ବାଇକ୍ ଦୁର୍ଘଟଣାରେ ଚାଳକ ଗୁରୁତର ହୋଇପଡ଼ିଥିଲା। ତାହାର କିଛି ସମୟପରେ ସତସଂଗ ବିହାର ଠାରୁ ଦମକଳ କେନ୍ଦ୍ର ମଧ୍ୟରେ ଅନ୍ୟ ଏକ ବାଇକ୍ ଦୁର୍ଘଟଣାରେ ଚାଳକ ଜଣକ ଗୁରୁତର ହୋଇପଡ଼ିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା।ସେଠାରେ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଠିକାଦାରଙ୍କ ମନମାନି ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଥିଲେ ମଧ୍ୟ ବିଭାଗ ଚୁପ୍ ରହିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

### ● ବଉଳିସାହିରେ ବିଜେଡି କର୍ମୀଙ୍କୁ ଆକ୍ରମଣ ଘଟଣା

## ଚାରିଦିନ ପରେ ବି ପୁଲିସ ହାତ ଖାଲି

ନୟାଗଡ଼, ୪।୫(ସମିସ): ନୟାଗଡ଼ରେ ବିଜେପି କର୍ମୀଙ୍କ ଆତଙ୍କରାଜ। ବିହାର ଭଳି ଶାସନ କରିବାକୁ ବିଜେପି ଚେଷ୍ଟା ଆରମ୍ଭ କରିଛି। ଶାନ୍ତିପ୍ରିୟ ନୟାଗଡ଼କୁ ଅଶାନ୍ତ କରାଯାଉଛି। ନୟାଗଡ଼ ବ୍ଲକ ନୋତର ପଞ୍ଚାୟତ ବଉଳିସାହି ଗ୍ରାମରେ ବିଜେପି କର୍ମୀଙ୍କ ମରଣାନ୍ତକ ଆକ୍ରମଣରେ ବିଜେଡି ଯୁବ ନେତା ଗୁରୁତର ହୋଇ ମରଣ ସହ ସଂଘର୍ଷ କରୁଛନ୍ତି। ବୁଧବାର ମଧ୍ୟାହ୍ନରେ ଏହି ଘଟଣା ଘଟିଥିଲେ ସୁଦ୍ଧା ଇଟାମାଟି ପୁଲିସ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବେଳେ ପୁଲିସ ହାତ ବାନ୍ଧି ବସିଥିବା ଅଭିଯୋଗ ହୋଇଛି। ବଉଳିସାହିରେ ବୁଧବାର ୪ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ବନ୍ଧୁକ, କଟୁରୀ, ଖଣ୍ଡା ଓ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ ଫଳରେ ଯୁବ ନେତା ପୃଥ୍ୱୀରାଜ ଦଳବେହେରା, ରାଜେଶ ପ୍ରଧାନ, ଆଶିଷ ଗୁମାନସିଂ ଓ ପ୍ରଦ୍ୟୁମ୍ନ ରଥ ଗୁରୁତର ହୋଇଛନ୍ତି। ପୃଥ୍ୱୀରାଜଙ୍କ ହାତ ଓ ମୁଣ୍ଡକୁ ହାଣି ଦିଆଯାଇଥିବା ବେଳେ ରାଜେଶ, ଆଶିଷ ଓ ପ୍ରଦ୍ୟୁମ୍ନଙ୍କ ପେଟରେ ଗୁଳି ବାଜିଛି। ସେମାନେ ଗାଁ ମନ୍ଦିର ପାଖରେ ଛିଡ଼ା ହୋଇଥିବା ବେଳେ ହଠାତ୍ ବିଜେପି କର୍ମୀମାନେ ଆସି ଆକ୍ରମଣ କରିଥିଲେ। ପୃଥ୍ୱୀରାଜ ଦଳବେହେରାଙ୍କର ହାତଗୋଡ଼କୁ ହାଣି ଖଣ୍ଡ ବିଖଣ୍ଡିତ କରି ଦେଇଥିଲେ। ସମସ୍ତଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସମସ୍ତଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ପୃଥ୍ୱୀରାଜଙ୍କୁ କଟକ ଏସସିବି ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କର ଅସ୍ତ୍ରୋପଚାର କରାଯାଇଛି। ବଉଳିସାହି ଗ୍ରାମର ବନମାଳି ନାୟକ, ସନ୍ତୋଷ ନାୟକ, ନାଲୁ ବେହେରା, ବିଜୟ ନାୟକ, କାଶିନାଥ ନାୟକ ଓ ଗଙ୍ଗାଧର ଜେନା ମିଳିତ ଭାବେ ସେମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବା ବେଳେ ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ ନପାଇବା ଚିନ୍ତାର ବିଷୟ ପାଲଟିଛି। ପୁଲିସ କେବେ ଅଭିଯୁକ୍ତଙ୍କୁ ଗିରଫ କରିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଗଣିଆରେ ବିଜେଡିର ପ୍ରସ୍ତୁତି

## ଯୋଡ଼ି ଶଙ୍ଖ ପାଇଁ ହେବ ଜୋର୍‌ଦାର୍ ପ୍ରଚାର

ଗଣିଆ, ୪।୫(ସମିସ): ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଚଳିତ ମାସ ୨୦ ତାରିଖରେ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ଗଣିଆରେ ଦେଖାଦେଇଛି ନିର୍ବାଚନୀ ଉଷ୍ମତା। କନ୍ଧମାଳ ସାଂସଦ ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ଓ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରାଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ କର୍ମୀଙ୍କ ମହଲରେ ଉତ୍ସାହ ବାରି ହେଉଛି। ଶନିବାର ପୂର୍ବାହ୍ନରେ ଗଣିଆ ମଙ୍ଗଳମ୍ କାର୍ଯ୍ୟାଳୟରେ ଗଣିଆ ବିଜୁ ଜନତା ଦଳର କର୍ମୀଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ବିଜୁ ଜନତା ଦଳର କନ୍ଧମାଳ ସାଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ପବିତ୍ର ମୋହନ ପାଣିଗ୍ରାହୀ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା ଝୁନା ଜେନା, କନ୍ଧମାଳ ସାଂସଦଙ୍କ ବ୍ଲକ ପ୍ରତିନିଧି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ନୟାଗଡ଼ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଜାନକୀ ଦେହୁରୀ, ଆମ୍ବ କମିଟିର ସଭାପତି ଗୀତାରାଣୀ ରାଉତ, ବେଲପଡ଼ା ଗ୍ରାମପଞ୍ଚାୟତ ସରପଞ୍ଚ ସୁକାନ୍ତ ଗଣ୍ଡିଆ, ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରା, ଉପାଧ୍ୟକ୍ଷ ରାଜ କିଶୋର ସାହୁ, ରାସଙ୍ଗ ସମିତିସଭ୍ୟାଙ୍କ ପ୍ରତିନିଧି ସନାତନ ସାହୁ, ଛାମୁଣ୍ଡିଆ ସମିତିସଭ୍ୟାଙ୍କ ପ୍ରତିନିଧି ନିରତ ଦଳେଇ, ଆଡ଼କଟା ସରପଞ୍ଚଙ୍କ ପ୍ରତିନିଧି କାଳନ୍ଦୀ ଚରଣ ବାରିକି ମଞ୍ଚାସୀନ ଥିଲେ। ପ୍ରଥମେ ଗଣିଆ ବ୍ଲକର ୮ଟି ପଞ୍ଚାୟତରୁ କର୍ମୀମାନେ ବିଜେଡିକୁ ସଶକ୍ତ କରିବାକୁ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଆସନ୍ତା ସୋମବାର ଦଳ ପକ୍ଷରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅପରାହ୍ନରେ ଆଡ଼କଟା ପଞ୍ଚାୟତ ଜଗନ୍ନାଥପ୍ରସାଦ ଗ୍ରାମର ଜଗନ୍ନାଥ ମନ୍ଦିର ନିକଟରୁ ବାଇକ୍ ଶୋଭାଯାତ୍ରା ବାହାରି ଆଡ଼କଟା ପଞ୍ଚାୟତର ବିଭିନ୍ନ ଗାଁ ବୁଲିବା ସହିତ କରଡ଼ାପଡ଼ା ପଞ୍ଚାୟତ, ଗଣିଆ ପଞ୍ଚାୟତ ଓ କିଶୋରପ୍ରସାଦ ପଞ୍ଚାୟତର ସବୁ ଗାଁ ବୁଲି ପଡୁରିଆଠାରେ



ପହଞ୍ଚିବା ନିଷ୍ପତ୍ତି ନିଆଯାଇଥିଲା। ୫ ଶହରୁ ଊର୍ଦ୍ଧ୍ୱ ବାଇକ୍‌ରେ ୧୦ ହଜାର କର୍ମୀ ସାମିଲ ହେବେ ବୋଲି ଆକଳନ କରାଯାଇଛି। ସେହିପରି ୮ ତାରିଖ ବୁଧବାର ଦିନ ବଡ଼ଶିଲିଙ୍ଗା ପଞ୍ଚାୟତରୁ ବାଇକ୍ ଶୋଭାଯାତ୍ରା ବାହାରି ବଡ଼ଶିଲିଙ୍ଗା ପଞ୍ଚାୟତ ସବୁ ଗାଁ ଛାମୁଣ୍ଡିଆ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ରାସଙ୍ଗ ଓ ବେଲପଡ଼ା ଗ୍ରାମ ପଞ୍ଚାୟତ ସବୁ ଗ୍ରାମରେ ବୁଲିବା ପାଇଁ ସ୍ଥିର କରାଯାଇଛି। ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନାର ସଫଳତା ଲୋକମାନଙ୍କ ପାଖରେ ପହଞ୍ଚାଇବା ସହ ଯୋଡ଼ି ଶଙ୍ଖର ବାର୍ତ୍ତାକୁ ପ୍ରଚାର ପ୍ରସାର କରି ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ଉପସ୍ଥିତ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାଙ୍କୁ ବିଧାୟକ ଆହ୍ୱାନ ଦେଇଥିଲେ।

### ଦଶପଲ୍ଲାରେ ବ୍ୟାପକ ଟ୍ରାଫିକ ସମସ୍ୟା, ଫସୁଛି ଆମ୍ବୁଲାନ୍ସ

## ବେଆଇନ ପାର୍କିଂ ଓ ଉଠାଦୋକାନ ପ୍ରତି ଧ୍ୟାନ ନାହିଁ

ଦଶପଲ୍ଲା, ୪।୫(ସମିସ): ନୟାଗଡ଼ ଜିଲ୍ଲା ଦେଇ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଯାଇଛି। ଦଶପଲ୍ଲା ବଜାର ଦେଇ ଯାଇଥିବା ଏହି ଜାତୀୟ ରାଜପଥରେ ପ୍ରତ୍ୟେକ ଦିନ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଦୀର୍ଘ ସମୟ ଧରି ଉଭୟ ପାର୍ଶ୍ୱରୁ ଆସୁଥିବା ଗାଡ଼ିଗୁଡ଼ିକ ଅଟକି ଯିବା କାରଣରୁ ଆମ୍ବୁଲାନ୍ସ ଯିବାକୁ ମଧ୍ୟ ରାସ୍ତା ମିଳୁନାହିଁ। ଓଡ଼ିଶାର ପଶ୍ଚିମାଞ୍ଚଳକୁ ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ମୁଖ୍ୟ ସଂଯୋଗ ରାସ୍ତା ପାଲଟିଥିବା ବେଳେ ଏହା ମଧ୍ୟରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ସ୍ଥାନୀୟ ପୁଲିସ କିମ୍ବା ଏନଏସି କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନାହାନ୍ତି। ଦଶପଲ୍ଲା ବଜାରରେ ରାସ୍ତା ଉପରେ ବେଆଇନ ପାର୍କିଂ ଏବଂ ଉଠାଦୋକାନ ପାଇଁ ଉତ୍କଟ ପରିସ୍ଥିତି ସୃଷ୍ଟି ହେଉଛି। ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ଦଶପଲ୍ଲା ପୁଲିସ ପକ୍ଷରୁ ବଜାରରେ ହୋମଗାର୍ଡ ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏହା ସହିତ ଏନ୍‌ଏସି କର୍ତ୍ତୃପକ୍ଷ ବେଆଇନ ଭାବେ ରାସ୍ତାକଡ଼ରେ ଲାଗୁଥିବା ଉଠାଦୋକାନ ଗୁଡ଼ିକୁ ହଟାଇବା ଆବଶ୍ୟକ ହୋଇପଡ଼ିଛି। ପ୍ରଶାସନର ତତ୍ପରତା ନଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଆଲୋଚନା ହେଉଛି। ଫଳରେ ଦୂର ଦୂରାନ୍ତରୁ ଏହି ରାସ୍ତା ଦେଇ ଯାଉଥିବା ଯାତ୍ରୀ, ପର୍ଯ୍ୟଟକ ଦଶପଲ୍ଲା ବଜାର ପ୍ରତି ଭିନ୍ନ ଆଭିମୁଖ୍ୟ ନେଇ ଯାଉଛନ୍ତି। ସମସ୍ୟାରେ ଘାଣ୍ଟି ହେଉଥିବା ଯାତ୍ରୀମାନେ ଏଭଳି ଅବ୍ୟବସ୍ଥାକୁ ଦେଖି ଅଟ୍ଟହାସ୍ୟ କରୁଛନ୍ତି। ସାମୟିକ ଭାବେ ଏହାର ସମାଧାନ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## କଂଗ୍ରେସରୁ ବ୍ଲକ ସଭାପତିଙ୍କ ଇସ୍ତଫା

ଖଣ୍ଡପଡ଼ା, ୪।୫(ସମିସ): କଂଗ୍ରେସ ଦଳ ସହ ଆଦୌ ଜଡ଼ିତ ନଥିବା ଲୋକଙ୍କୁ ଟିକେଟ ଦିଆଯାଇଥିବା ଅଭିଯୋଗ କରି ଇସ୍ତଫା ଦେଇଛନ୍ତି ଆଶାୟୀ ପ୍ରାର୍ଥୀ ଖଣ୍ଡପଡ଼ା ବ୍ଲକ କଂଗ୍ରେସ ସଭାପତି ଇଂ. ଦେବବ୍ରତ ବେହେରା। ଏ ନେଇ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କୁ ଶ୍ରୀ ବେହେରା ଇସ୍ତଫାପତ୍ର ଦେବା ସହ ଶୀର୍ଷ ନେତୃତ୍ୱଙ୍କ ଉପରେ ବର୍ଷିଛନ୍ତି। ଏଥିସହିତ ଖଣ୍ଡପଡ଼ାରେ ଦଳ ଦୁର୍ବଳ ପ୍ରାର୍ଥୀ ଦେଇଥିବା ନେଇ ସେ ଅଭିଯୋଗ ମଧ୍ୟ କରିଛନ୍ତି। ଏହାଦ୍ୱାରା ଦଳ ଖଣ୍ଡପଡ଼ାରେ କାର୍ଯ୍ୟକର୍ତ୍ତାଙ୍କ ଆସ୍ଥା ହରାଇଥିବା ବେଳେ ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କରୁଥିବା ନେଇ ଶ୍ରୀ ବେହେରା ପ୍ରତିକ୍ରିୟା ଦେଇଛନ୍ତି।



### ଆଚରଣବିଧି ଉଲ୍ଲଂଘନ

## ବିଜେପି ଶୋଭାଯାତ୍ରାରେ ଶହ ଶହ ଶିଶୁ

ନୟାଗଡ଼, ୪।୫(ସମିସ): ନୟାଗଡ଼ ବିଜେପି ପକ୍ଷରୁ ଆଜି ବିଧାୟିକା ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ନାମାଙ୍କନ ଦାଖଲ ଶୋଭାଯାତ୍ରାରେ ଶହ ଶହ ସଂଖ୍ୟାରେ ଶିଶୁଙ୍କୁ ସାମିଲ କରାଯାଇଥିବା ଦେଖାଯାଇଛି। ଶିଶୁମାନଙ୍କୁ ଉହ ଉହ ଖରାରେ ବିଜେପି ରାଲିରେ ସାମିଲ କରାଯାଇଥିବା ବେଳେ ପୁଲିସ ଓ ପ୍ରଶାସନ ସବୁ ଦେଖି ନିରବଦ୍ରଷ୍ଟା ସାଜିଛନ୍ତି। ଏହି ଶୋଭାଯାତ୍ରାରେ ପୁରୀ ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ମଧ୍ୟ ସାମିଲ ହୋଇଥିଲେ।



## ଟାଇଁ ଟାଇଁ ଖରାରେ ଖଟୁଛନ୍ତି ଶ୍ରମିକ

ଖଣ୍ଡପଡ଼ା, ୪।୫(ସମିସ): ଖଣ୍ଡପଡ଼ା ସହାରାଞ୍ଚଳ ଅଧୀନ ପୂର୍ତ୍ତ ଡାକବଙ୍ଗଳା ସମ୍ମୁଖରେ ଯାଇଥିବା ଭୁଟୁଭୁଟି ରାସ୍ତା କଡ଼ରେ ଜନସ୍ୱାସ୍ଥ୍ୟ ଅନୁଖଣ୍ଡ ବିଭାଗ ପକ୍ଷରୁ ସୁଉଚ୍ଚ ଜଳ ଭଣ୍ଡାର ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ବିଭିନ୍ନ ସମୟରେ ସ୍ଥାନୀୟ କାଉନସିଲରଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ଥମି ନଥିବା ବେଳେ ସହକାରୀ ଯନ୍ତ୍ରୀ ଏବଂ ଠିକାଦାରଙ୍କ ଜାଣତରେ ପ୍ରାୟ ୩୦ଫୁଟ ଉଚ୍ଚରେ ବିନା ସେଫଟି ବେଲ୍ଟ ଏବଂ ହେଲମେଟ୍‌ରେ ଶ୍ରମିକ ଏବଂ ରାଜମିସ୍ତ୍ରିମାନେ



ଜୀବନକୁ ବାଜି ଲଗାଇ କାମ କରୁଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ମାତ୍ରାଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ସରକାରୀ ନୀତିନିୟମକୁ ଉଲ୍ଲଂଘନ କରି ଦିନ ୧୨ଟା ପର୍ଯ୍ୟନ୍ତ ଲୋକଙ୍କୁ ଖରାରେ କାମ କରାଉଥିବା ମଧ୍ୟ ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ ମେ ୧ ତାରିଖକୁ ବିଶ୍ୱ ଶ୍ରମ ଦିବସ ଭାବେ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଥିବାବେଳେ ସରକାରୀ ନୀତିନିୟମକୁ ଫୁ କରି ଏହି ଦିବସରେ ଏଠାରେ ଉକ୍ତ କାର୍ଯ୍ୟରେ ଶ୍ରମିକଙ୍କୁ ଘଣ୍ଟା ଘଣ୍ଟା ଧରି ଖରାରେ କାମ କରିବା ପାଇଁ ଅନୁମତି ପ୍ରଦାନ କରିଥିବା ବେଳେ ଏନେଇ ଏକ ଚିତ୍ର ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ଏନେଇ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରାଙ୍କ ପ୍ରତିକ୍ରିୟା ନେବାରୁ ସେ ଏ ବିଷୟରେ ଜାଣିନଥିବା କହିଥିଲେ। ନିଜ ଭୁଲକୁ ଘୋଡ଼ାଇବା ସହ ଠିକାଦାରଙ୍କୁ ତାଗିଦ କରିବେ ବୋଲି ସୂଚନା ଦେଇଛନ୍ତି। ଏନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

### ଅଭୟାରଣ୍ୟ ଭିତରେ ଲୁଚି ଯାଇଛି ଅନେକ କଥା

## ଐତିହ୍ୟ ବଖାଣୁଛି ଲଙ୍ଗଳଖୋଲ, ବିଚାରପଥର, ସାପପଥର

ନୟାଗଡ଼, ୪।୫(ସମିସ): ନୟାଗଡ଼ ଜିଲ୍ଲା ଜଙ୍ଗଲ, ପାହାଡ଼ ଘେରା ଶାନ୍ତି ପରିବେଶକୁ ନେଇ ଗଠିତ। ନୟାଗଡ଼ ଜିଲ୍ଲାରେ ୩ଟି ବନଖଣ୍ଡ କାର୍ଯ୍ୟ କରୁଥିବା ବେଳେ ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ବାଇଶିପଲ୍ଲୀ ଅଭୟାରଣ୍ୟ ମଧ୍ୟରେ ଅନେକ କଥା ଲୁଚି ଯାଇଛି। ଅଭୟାରଣ୍ୟର କୋର ଏରିଆ ମଧ୍ୟରେ ଅନେକ ଐତିହ୍ୟ ଆଜି ବି ଜର୍ଜରିତ ହେଉଛି। ମହାନଦୀ ବନ୍ୟପ୍ରାଣୀ ଡିଭିଜନ ବାଣିଗୋଚ୍ଛା ପଶ୍ଚିମ ବନାଞ୍ଚଳ ଅନ୍ତର୍ଗତ ବୁଗୁଡ଼ାକଲୋନୀ ସେକ୍ସନ ମଧ୍ୟରେ ରହିଛି ଏହି ସବୁ ସ୍ଥାନ। ଯେଉଁ ଅଞ୍ଚଳରେ ଦିନ ବେଳା ମଧ୍ୟ ହାତୀ, ବାଘ, ଭାଲୁ ଭଳି ବନ୍ୟଜନ୍ତୁଙ୍କୁ ଦେଖିବାକୁ ମିଳିଥାଏ। ବୁଗୁଡ଼ାକଲୋନୀ ସେକ୍ସନଠାରୁ ଉତ୍ତର ଦିଗ ଜଙ୍ଗଲ ମଧ୍ୟକୁ ଗଲେ ଅନେକ ଐତିହ୍ୟ ଦେଖିବାକୁ ମିଳେ। ରଣପୁରରେ ଅଧିଷ୍ଠିତ ମା' ମଣିନାଗଙ୍କ ଇତିହାସ ସମ୍ପର୍କିତ ସାପପଥର, ଲଙ୍ଗଳଖୋଲ ଏବଂ ଗାନ୍ଧୀବାଦୀ ନେତା ଗୋବିନ୍ଦ ମିଶ୍ରଙ୍କ ଦ୍ୱାରା ଆହୁତ କନ୍ଧମେଳି ବିଚାରପଥର ଦେଖିବାକୁ ମିଳିଥାଏ। ଲଙ୍ଗଳଖୋଲ ତଥା ଲଙ୍ଗଳପଥର ମଣିନାଗଙ୍କ ଇତିହାସ ସହିତ ଜଡ଼ିତ ବୋଲି ଜନଶ୍ରୁତି ରହିଛି। ଏଠାରେ ଲଙ୍ଗଳ ଆକାରର ଏକ ବଡ଼ ପଥର ଦେଖିବାକୁ ମିଳେ। ତାଠାରୁ କିଛି ଦୂରକୁ ଗଲେ ଗୋବିନ୍ଦ ମିଶ୍ରଙ୍କ କନ୍ଧମେଳି ବିଚାର ପଥର ଦେଖିବାକୁ ମିଳେ। ଏକ ବଡ଼ ସମତଳ ଆକରରେ ପଥର ସେଠାରେ ରହିଥିବା ବେଳେ ସ୍ୱାଧୀନତା ପୂର୍ବରୁ ଅନେକ ଥର ଏଠାରେ କନ୍ଧମେଳି ହୋଇଥିବା କୁହାଯାଏ। ସେଠାରୁ ଦୁଇ କିଲୋମିଟର ଜଙ୍ଗଲ ମଧ୍ୟରେ ସାପପଥର ରହିଥିବା ବେଳେ ଏହାର ଆକାର ଠିକ ସାପ ଭଳି ଲମ୍ବ। ୩ କିଲୋମିଟର ଏକ ଲମ୍ବ ପଥରକୁ ସାପପଥର କୁହାଯାଇଥାଏ। ଏଠାରେ ଏକ ବିରାଟ ଜଳପ୍ରପାତ ରହିଛି। ବର୍ଷାଦିନ ଓ ଶୀତଦିନରେ ଏହି ଜଳପ୍ରପାତ ନୟାଗଡ଼ ଜିଲ୍ଲାର ସବୁଠାରୁ ଆକର୍ଷଣୀୟ ଜଳପ୍ରପାତ ବୋଲି କୁହାଯାଏ। ଜଙ୍ଗଲ ସୁରକ୍ଷା ପାଇଁ ଏଠାରେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏକ ୱାଚ ଟାୱାର ନିର୍ମାଣ କରାଯାଇଛି।



ସାତକୋଶିଆ ଅଭୟାରଣ୍ୟକୁ ସଲଗ୍ନ କରୁଥିବା ଏହି ସ୍ଥାନ ବହୁତ ଆକର୍ଷଣୀୟ ଅଟେ। ଦିନରେ ମଧ୍ୟ ହାତୀଙ୍କ ଗର୍ଜନ ଶୁଣିବାକୁ ମିଳିଥାଏ। ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଥିବା ଏହି ପ୍ରାକୃତିକ ସ୍ଥାନ ଅତ୍ୟନ୍ତ ମନମୁଗ୍ଧକର।

# ବାଇକ୍ ଧକ୍କାରେ ବ୍ୟାଙ୍କ କର୍ମଚାରୀଙ୍କ ମୃତ୍ୟୁ

**ବେଗୁନିଆ ,୪।୫(ସମିସ)**:ବେଗୁନିଆ ବ୍ଲକ ଅନ୍ତର୍ଗତ କୁଞ୍ଜୁରୀ ଗ୍ରାମର ସମାଜସେବୀ ତଥା ଭୂ ଉନ୍ନୟନ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ସଂସାରୀ ପୃଷ୍ଟିଙ୍କର ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ରାସ୍ତାରେ ଚାଲି ଯାଉଥିବା ସମୟରେ ଏକ ନଂ ବିହୀନ ବାଇକ୍ ପଛପଟୁ ଆସି ଧକ୍କା ଦେବା ଫଳରେ ମୁଣ୍ଡ ,ଛାତି ଓ ପେଟରେ ଆଘାତ ଲାଗିବା ସହିତ ବାମ ଗୋଡଟି ଭାଙ୍ଗି ଦୁଇ ଖଣ୍ଡ ହୋଇଯାଇଥିଲା। ତାଙ୍କୁ ତୁରନ୍ତ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା ପରେ ତୁରନ୍ତ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ଦେହାନ୍ତ ଖବର ପାଇ ଅଞ୍ଚଳର ହଜାର ହଜାର ଲୋକ ଶେଷ ଦର୍ଶନ କରିଥିବା ବେଳେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏ ସଂକ୍ରାନ୍ତରେ ଖୋର୍ଦ୍ଧା ସଦର ଥାନାରେ ମାମଲା ରୁଜୁ ହୋଇଥିବାର ଜଣାପଡିଛି। ଖବର ପାଇ ବିଜେଡ଼ି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ବିଅର ବୋତଲ ଆକ୍ରମଣରେ ଯୁବକ ଗୁରୁତର



**କାଳୁପଡାଘାଟ,୪।୫(ସମିସ)**: ଟାଙ୍ଗୀ ଥାନା କୟଥପଲା ଗ୍ରାମରେ ଘଟିଛି ଅଘଟଣ। ଗାଁର ଯୁବକମାନେ ଗାଁ ପଡିଆରେ କ୍ରିକେଟ ଖେଳ ଖେଳୁଥିବା ବେଳେ କ୍ରିକେଟ ଖେଳ ବନ୍ଦ କରିବାକୁ ଜଣେ ଯୁବକ ଦାଦାଗିରି କରିଥିଲେ। ଯୁବକଙ୍କ ଦାଦା ଗିରୀକୁ ବିରୋଧ କରିବାରୁ ଉତ୍ୟକ୍ତ ହୋଇ ଗାଁର ଯୁବ ଖେଳାଳିଙ୍କୁ ବିଅର ବୋତଲରେ ଆକ୍ରମଣ କରିଥିଲେ। ବିଅର ବୋତଲଟି ଯୁବ ଖେଳାଳିଙ୍କ ବେକରେ ପଶିରହିଛି। ଗୁରୁତର ଯୁବ ଖେଳାଳି ହେଲେ ଆଦିତ୍ୟ ବିଶୋଇ (୨୪)। ଗୁରୁତର ଅବସ୍ଥାରେ ତାଙ୍କୁ ସାଥି ଖେଳାଳିମାନେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣ ପରେ ଅଭିଯୁକ୍ତ ଫେରାର ହୋଇଯାଇଛି। ଫେରାର ଅଭିଯୁକ୍ତର ନାମ ଉତ୍ତମ ମଙ୍ଗରାଜ ବୋଲି ଜଣା ପଡିଛି।

- କାଇପଦର ଦଳବେହେରାଙ୍କ ପରଲୋକ

# କଳିଙ୍ଗ ପାଇକ ସଙ୍ଗଠନର ଶୋକ

**ଖୋର୍ଦ୍ଧା,୪।୫(ସମିସ)**: କାଇପଦର ଦଳବେହେରା ତଥା କଳିଙ୍ଗ ପାଇକ ସଙ୍ଗଠନର ଉପଦେଷ୍ଟା ବୀରେନ୍ଦ୍ର ମୋହନ ହରିଚନ୍ଦନଙ୍କର ୮୧ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଗତ ବୁଧବାର ଦିନ ପରଲୋକ ହୋଇଯାଇଛି।କାଇପଦର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପ୍ରତିଷ୍ଠାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ତା'ର ସଭାପତି ଥିଲେ। ଖୋର୍ଦ୍ଧା ଅଞ୍ଚଳରେ ସେ ବୁଢା ଦଳବେହେରା ନାମରେ ଜଣାଶୁଣାଥିଲେ। ନିଜ ପତ୍ନୀ ମିନତି ହରିଚନ୍ଦନଙ୍କୁ ଖୋର୍ଦ୍ଧା ବ୍ଲକ୍ ୨ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା କରାଇବା ଏବଂ ଖୋର୍ଦ୍ଧା ବିଧାନସଭାର ଜନତା ଦଳ ପ୍ରାର୍ଥିନୀ ଭାବେ ନିର୍ବାଚନ ଲଢାଇବା ପଛରେ ସ୍ୱର୍ଗତ ହରିଚନ୍ଦନଙ୍କ ବଳିଷ୍ଠ ଭୂମିକା ଥିଲା। ତାଙ୍କ ବିୟୋଗରେ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ସଭାପତି ଭୀମସେନ ପ୍ରଧାନ, ଉପସଭାପତି ମୃତ୍ୟୁଞ୍ଜୟ ଛୋଟରାୟ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ମୁଖ୍ୟ ଉପଦେଷ୍ଟା ସତ୍ୟବାଦୀ ବଳିଆରସିଂହ, ଉପଦେଷ୍ଟା ଡ.ଦିଲୀପ ଶ୍ରୀଚନ୍ଦନ, ପୂର୍ବତନ ସଭାପତି ବଂଶୀଧର ଜଗଦ୍ଦେବ, ଭୋଳାନାଥ ପାଇକରାୟ, ଇଂ ନିକୁଞ୍ଜ ବିହାରୀ ଶ୍ରୀଚନ୍ଦନ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ପରଲୋକରେ ଅଭିନେତା ଗୌରାଙ୍ଗ ନାୟକ



**ବାଲୁଗାଁ,୪।୫(ସମିସ)**:ବାଲୁଗାଁ ଅଞ୍ଚଳର ଜଣେ ଅବସରପ୍ରାପ୍ତ ଶିକ୍ଷକ ତଥା ଅର୍ଣ୍ଣପୂର୍ଣ୍ଣ ଥିଏଟର ବିଶିଷ୍ଟ ମଞ୍ଚ କଳାକାର ତଥା ଓଡିଆ ସିନେମା ଅଭିନେତା ଗୌରାଙ୍ଗ ନାୟକଙ୍କ ଶନିବାର ସକାଳେ ପରଲୋକ ଘଟିଛି। ସ୍ୱର୍ଗତ ନାୟକ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଶଯ୍ୟାଶାୟୀ ହୋଇ ପଡିଥିବା ବେଳେ ୮୫ ବର୍ଷ ବୟସରେ ବାଲୁଗାଁ ନିମିଖେତାସ୍ଥିତ ବାସ ଭବନରେ ତାଙ୍କର ଦେହାନ୍ତ ଘଟିଛି। ଅର୍ଣ୍ଣପୂର୍ଣ୍ଣା ଥିଏଟରର ଗୌରାଙ୍ଗ ଜଣେ ସ୍ୱୀକୃତି ପ୍ରାପ୍ତ କଳାକାର ଭାବେ ବେଶ ପରିଚିତ ଥିବା ବେଳେ ବିଭିନ୍ନ ମଞ୍ଚ ରେ ନାଟ୍ୟ ନିର୍ଦ୍ଦେଶନା, ସଙ୍ଗୀତ ଓ ନୃତ୍ୟ ନିର୍ଦ୍ଦେଶନା ଏବଂ ଅଭିନୟ କରି ରାଜ୍ୟ ତଥା ରାଜ୍ୟ ବାହାରେ ବହୁ ସମ୍ମାନ ଲାଭ କରିଥିଲେ। ସ୍ୱର୍ଗତ ନାୟକଙ୍କ ମୃତ୍ୟୁ ବେଳକୁ ନିକଟରେ ଏକମାତ୍ର ପୁଅ ସପନ, ଦୁଇ ଝିଅ ସନ୍ଧ୍ୟା ଓ ସ୍ୱାଗତିକା ଉପସ୍ଥିତ ଥିବା ବେଳେ ପୁରୀ ସ୍ୱର୍ଗ ଦ୍ୱାରରେ ଅନ୍ତିମ ସଂସ୍କାର କରା ଯାଇଛି। ତାଙ୍କ ବିୟୋଗରେ କଳାକାର ମହଲରେ ଶୋକ ପ୍ରକାଶ ପାଇଛି

**ଜଟଣୀ ବିଧାନସଭା**

# ସ୍ୱାଧୀନ ପ୍ରାର୍ଥୀ ସୁଜିତ୍ ସବୁଠୁ ଧନୀ






**ଖୋର୍ଦ୍ଧା/ଜଟଣୀ,୪।୫(ସମିସ)**: ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ଜଟଣୀ ରାଜନୀତି ସେତେ ସରଗରମ ହେବାରେ ଲାଗିଛି। ଏଥି ମଧ୍ୟରେ ଜଟଣୀ ବିଧାନସଭା ନିର୍ବାଚନ ପାଇଁ ଆଶାୟୀ ପ୍ରାର୍ଥୀମାନଙ୍କ ତାଲିକା ପ୍ରକାଶ ପାଇଛି। ଜଟଣୀ ବିଧାନସଭା ଆସନରୁ ବିଜେଡି ବିଧାୟକ ପ୍ରାର୍ଥୀ ବିଭୂତି ବଳବନ୍ତରାୟଙ୍କ ପାଖରେ ନଗଦ ୪୦ହଜାର ଟଙ୍କା ଓ ଦୁଇଟି ବ୍ୟାଙ୍କରେ ୧୦ହଜାର ୯ଶହ ଟଙ୍କା ରହିଥିବା ସେ ସତ୍ୟପାଠରେ ଦର୍ଶାଇଛନ୍ତି। ତାଙ୍କ ନାଁରେ ୩ଟି କାର ରହିଛି, ଯାହାର ମୂଲ୍ୟ ୨୦ ଲକ୍ଷ ୯୩ହଜାର ୩୭୧ଟଙ୍କା। ଅନ୍ୟପଟେ ବିଭୂତିଙ୍କ ନାମରେ ଥାନାରେ କୌଣସି ଅପରାଧିକ ମାମଲା ନାହିଁ। ୪୦ଗ୍ରାମ ସୁନା ରହିଥିବା ବେଳେ ଯାହାର ମୂଲ୍ୟ ୨ଲକ୍ଷ ୬୬ହଜାର ଟଙ୍କା ହେବ। ତାଙ୍କ ନାଁରେ ଗୋଟିଏ ଲାଇସେନ୍ସପ୍ରାପ୍ତ ଗନ୍ ଓ ଗୋଟିଏ ରିଭଲଭର ରହିଛି। ବିଭୂତିଙ୍କ ନାମରେ ବର୍ତ୍ତମାନର ବଜାର ମୂଲ୍ୟ ଅନୁସାରେ ୪କୋଟି ୨ଲକ୍ଷ ୪ହଜାର ୮ସହ ଟଙ୍କାର ସମ୍ପତି ଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ତାଙ୍କ ପତ୍ନୀ ପୂର୍ଣ୍ଣିମା ବଳବନ୍ତରାୟଙ୍କ ନାମରେ ୩ଲକ୍ଷ ୪୨ହଜାର ୬୫୦ଟଙ୍କାର ସମ୍ପତି ରହିଛି।

ଭାରତୀୟ ଜନତା ପାର୍ଟିରୁ ନାମାଙ୍କନ ଭରିଥିବା ବିଶ୍ୱରଞ୍ଜନ ବଡ଼ଜେନାଙ୍କ ପାଖରେ ନଗଦ ୨ଲକ୍ଷ ଟଙ୍କା ଓ ବିଭିନ୍ନ ବ୍ୟାଙ୍କରେ ୫ଲକ୍ଷ ୮୨ହଜାର ୭୮୮ଟଙ୍କା ଜମା ରହିଛି। ସେହିପରି ଦୁଇଟି ପ୍ରାଇଭେଟ୍ ସଂସ୍ଥାରେ ୩ହଜାର ସେୟାର ତାଙ୍କ ନାଁରେ

**ବିଶ୍ୱରଞ୍ଜନଙ୍କ ନାଁରେ ୧୦ ମାମଲା /ସନ୍ତୋଷ ଉଚ୍ଚ ଶିକ୍ଷିତ/ଅପରାଧ ଜଗତରେ ନାହାନ୍ତି ବିଭୁତି**

ରହିଛି। ଗୋଟିଏ ଟାଟା ସଫାରି କାର ରହିଛି, ଯାହାର ମୂଲ୍ୟ ୯ଲକ୍ଷ ଟଙ୍କା। ୫୨ଗ୍ରାମର ସୁନା ରହିଛି, ଯାହାର ମୂଲ୍ୟ ୩ଲକ୍ଷ ୬୪ହଜାର ଟଙ୍କା ହେବ। ସମୁଦାୟ ୨୦ଲକ୍ଷ ୪୬ହଜାର ୭୮୮ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତି ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ରହିଥିବା ବେଳେ ତାଙ୍କ ନାଁରେ ନିର୍ଦ୍ଦିଷ୍ଟଭାବେ କୌଣସି ସମ୍ପତି ନାହିଁ। ଏଥିସହ ବିଭିନ୍ନ ଥାନାରେ ୧୦ଟି ଅପରାଧିକ ମାମଲା ରହିଛି। ତାଙ୍କର କୌଣସି ଋଣ ନଥିବାବେଳେ ପତ୍ନୀ ଜ୍ୟୋସ୍ନାରାଣୀ ବଡ଼ଜେନାଙ୍କ ପାଖରେ ନଗଦ ୨୫ହଜାର ଟଙ୍କା ଥିବାବେଳେ ଗୋଟିଏ ବ୍ୟାଙ୍କରେ ୧ହଜାର ଜମା ରଖିଛନ୍ତି। ସେହିପରି ୧୧୨ଗ୍ରାମର ସୁନା ଓ ୨୦୦ଗ୍ରାମର ରୂପା ରହିଛି, ଯାହାର ମୂଲ୍ୟ ଯଥାକ୍ରମେ ୭ଲକ୍ଷ ୧୪ ହଜାର ଓ ୨୦ହଜାର ଟଙ୍କା ହେବ ବୋଲି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।

ସ୍ୱାଧିନ ପ୍ରାର୍ଥୀଭାବେ ସୁଜିତ୍ ବଳବନ୍ତରାୟ ପ୍ରଥମ ଥର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତାଙ୍କ ପାଖରେ ନଗଦ ୮୦ହଜାର ଟଙ୍କା ଓ ୩ଟି ବ୍ୟାଙ୍କରେ ସମୁଦାୟ ୨୪ଲକ୍ଷ ୨ହଜାର ୨୨୮ଟଙ୍କା ରହିଛି। ସେହିପରି ତାଙ୍କ ନାଁରେ ୩ଟି କାର ରହିଛି, ଯାହାର ଦାମ ସମୁଦାୟ ୫ଲକ୍ଷ ୫୦ହଜାର ଟଙ୍କା ହେବ। ୩୦ ଗ୍ରାମର ସୁନା ରହିଛି, ଯାହାର ଦାମ ୨ଲକ୍ଷ ୭୫ହଜାର ଟଙ୍କା। ସେ ସମୁଦାୟ ୧୩ଲକ୍ଷ ୫୯ହଜାର ୭୬୩ଟଙ୍କାର ଋଣ କରିଛନ୍ତି। ତାଙ୍କ ନାଁରେ କୌଣସି ଅପରାଧିକ ମାମଲା ନାହି। ତାଙ୍କ ପାଖରେ ସମୁଦାୟ ୪କୋଟି ୩ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତି ରହିଛି। ପତ୍ନୀ ସ୍ୱାଗତିକା ବିଧାର ନାମରେ ୪ଲକ୍ଷ ୨୯ହଜାର ୪୭୦ଟଙ୍କା ରହିଛି।

ସେହିପରି ଏମ୍.ଡି. ମନୱର ଅଲ୍ଲୀ ସ୍ୱାଧିନ ପ୍ରାର୍ଥୀ ଭାବେ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତାଙ୍କ ପାଖରେ ନଗଦ ୧୦ହଜାର ଟଙ୍କା ଓ ୩ଟି ବ୍ୟାଙ୍କରେ ୨୪ହଜାର ଟଙ୍କା ଜମା ଅଛି। ତାଙ୍କ ନାଁରେ ଗୋଟିଏ ମହିନ୍ଦ୍ର କାର ଅଛି, ଯାହାର ମୂଲ୍ୟ ୩ଲକ୍ଷ ଟଙ୍କା ହେବ। ସେ ଅବିବାହିତ ଥିବା ବେଳେ ସେ କୌଣସି ଲୋନ୍ କରିନାହାନ୍ତି। ତାଙ୍କ ନାଁରେ ଗୋଟିଏ ଅପରାଧିକ ମାମଲା ରହିଛି। ସେହି କ୍ରମରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନାଙ୍କ ପାଖରେ ନଗଦ ୫୫ହଜାର ୫ଶହ ଟଙ୍କା ରହିଛି। ବିଭିନ୍ନ ବ୍ୟାଙ୍କରେ ୨ଲକ୍ଷ ୪୨ହଜାର ଟଙ୍କା ରହିଛି। ତାଙ୍କ ନାଁରେ ଥାନାରେ କୌଣସି ଅପରାଧିକ ମାମଲା ନାହିଁ। ୨୪୨.୭୭ ଗ୍ରାମର ସୁନା ବ୍ୟାଙ୍କରେ ବନ୍ଧା ପଡ଼ିଛି ଓ ୫ଗ୍ରାମର ସୁନା ତାଙ୍କ ପାଖରେ ଅଛି, ଯାହାର ମୂଲ୍ୟ ୩୬ହଜାର ୩ଶହ ଟଙ୍କା। ୩୬ଲକ୍ଷ ୬୩ହଜାର ଟଙ୍କାର ବ୍ୟାଙ୍କ ଲୋନ୍ କରିଛନ୍ତି। ତାଙ୍କ ନାଁରେ ସମୁଦାୟ ୭କୋଟି ୯ଲକ୍ଷ ୧୩ହଜାର ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତି ରହିଛି। ପତ୍ନୀ ବିନିତା ଜେନାଙ୍କ ପାଖରେ ନଗଦ ୩୨ହଜାର ୪୦୦ଟଙ୍କା ଥିବା ବେଳେ ତାଙ୍କ ନାଁରେ ସମୁଦାୟ ୭କୋଟି ୨୨ଲକ୍ଷ ୪୬ହଜାର ଟଙ୍କାର ସମ୍ପତି ରହିଥିବା ସତ୍ୟପାଠରେ ଦର୍ଶାଇଛନ୍ତି।

**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ**

# ବାପଘର ଆଣିଲେ ହତ୍ୟା ଅଭିଯୋଗ

**ବାଣପୁର,୪।୫ (ସମିସ)**: ବାଣପୁର ଅଞ୍ଚଳର ଜଣେ ଝିଅ କିଛି ବର୍ଷ ପୂର୍ବେ ନାଚୁଣୀ ଅଞ୍ଚଳରେ ବିବାହ କରିଥିଲେ। କୌଣସି କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ବାପ ଘର ପରିବାରଲୋକେ ଯୌତୁକ ଜନିତ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ମୃତ ମହିଳା ଜଣଙ୍କ ବାଣପୁର ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ବାସୁଦେବ ସ୍ୱାଇଁଙ୍କ ଝିଅ ଲିଜା ସ୍ୱାଇଁ ତଥା ନାଚୁଣୀ ଥାନା ଅନ୍ତର୍ଗତ ହାରିକୁଣ୍ଡ ବରଡ଼ି ଗ୍ରାମର ସନ୍ତୋଷ ପ୍ରଧାନଙ୍କ ସ୍ତ୍ରୀ ଲିଜା। ଅଭିଯୋଗ ମୁତାବକ, ବାଣପୁର ଥାନା ଅଧିନ ମଙ୍ଗଳପୁର ଗ୍ରାମର ବାସୁଦେବ ସ୍ୱାଇଁଙ୍କ ଝିଅ ଲିଜା ୫ ବର୍ଷ ପୂର୍ବେ ବୈଦିକ ରୀତିରେ ନାଚୁଣୀ ଥାନା ଅଧିନ ହାରିକୁଣ୍ଡ ବରଡ଼ି ଗ୍ରାମର ସନ୍ତୋଷ ପ୍ରଧାନଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଶ୍ୱଶୁର ଘର ଦାବି ମୁତାବକ ୧ ଲକ୍ଷ ଟଙ୍କା ସୁନା ଅଳଙ୍କାର ସମେତ ସମସ୍ତ ଆସବାବ ପତ୍ର ଦେଇଥିଲେ। ବିବାହ ପରେ ଲିଜାଙ୍କର ଏକ ପୁତ୍ରସନ୍ତାନ



- ଫାଇଲ୍ ଫଟୋ

ହୋଇଥିଲା। ପରବର୍ତ୍ତୀ ସମୟରେ ଲିଜାଙ୍କ ସ୍ୱାମୀ ସନ୍ତୋଷ, ଶାଶୁ ତଅପୋଇ ଓ ନଣନ୍ଦ ଦୀପା ପ୍ରଧାନ ମିଶି ବାପ ଘରୁ ଆଉ ୧ ଲକ୍ଷ ଟଙ୍କା ଆଣିବାକୁ ଲିଜାକୁ ବାରମ୍ବାର ଚାପ ପକାଉଥିଲେ। ଲିଜାଙ୍କ ବାପା ଜଣେ ଗରିବ ଶ୍ରେଣୀର ଲୋକ ହୋଇ ଥିବାରୁ ଟଙ୍କା ଦେବାରେ ଅକ୍ଷମ ହୋଇ ଝିଅର ଶ୍ୱଶୁର ଘରକୁ ଯାଇ ବୁଝାସୁଝା କରି ଫେରିଥିଲେ। କିନ୍ତୁ ଶ୍ୱଶୁର ଘର ଲୋକେ ଲିଜାକୁ ବାପଘରୁ ୧ ଲକ୍ଷ ଟଙ୍କା ଆଣିବା ପାଇଁ ବାଧ କରିବା ସହ ନ ଆଣିଲେ ଜୀବନରୁ ମାରି ଦେବାକୁ ଧମକ ଚମକ ଦେବାରୁ ୧ ବର୍ଷ ପୂର୍ବେ ଲିଜାଙ୍କ ବାପା ଧାରକରଜ କରି ୨୫ ହଜାର ଟଙ୍କା ଦେଇଥିଲେ। ହଠାତ ଝିଅ ଲିଜା ମରି ଯାଇଥିବା ଖବର ପାଇ ବାପ ଘର ଲୋକେ ଝିଅର ଶ୍ୱଶୁର ଘରକୁ ଆସି ଝିଅକୁ ଘରେ ନ ପାଇ ଟାଙ୍ଗୀ ଡାକ୍ତରଖାନାରେ ଥିବା ଜାଣିବାକୁ ପାଇ ଡାକ୍ତରଖାନାରେ ପହଞ୍ଚି ଝିଅ ଲିଜା ମରିପଡ଼ି ଥିବାର ଦେଖିବାକୁ ପାଇଥିଲେ। କିନ୍ତୁ ସେଠାରେ ଶ୍ୱଶୁର ଘରର ଲୋକ କେହି ଉପସ୍ଥିତ ନଥିବା ବେଳେ ଶ୍ୱଶୁର ଘର ଲୋକ ଲିଜାକୁ ତଣ୍ଟି ଚିପିମାରି ଦେଇଥିବା ସନ୍ଦେହ କରି ଏନେଇ ନାଚୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ନାଚୁଣୀ ଥାନାରେ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ତଦନ୍ତ ଜାରି ରଖିଛି।

# ଟ୍ରକ୍‌କୁ ପିଟିଲା ବାଇକ୍; ଦୁଇ ଗୁରୁତର



**କାଳୁପଡାଘାଟ,୪।୫(ସମିସ)**: ୧୬ ନମ୍ବର ଜାତୀୟ ରାଜପଥର କୁହୁଡି ଫାଣ୍ଡି ନିକଟରେ ରାସ୍ତା କଡ଼ରେ ଛିଡା ହୋଇଥିବା ଏକ ଟ୍ରକ୍‌କୁ ପଛରୁ ବାଇକ୍ ପିଟିବା ଫଳରେ ୨ଜଣ ଗୁରୁତର ହୋଇଛନ୍ତି। ଖବର ପାଇ କୁହୁଡି ଫାଣ୍ଡି ପୁଲିସ ପହଞ୍ଚି ସମାନଙ୍କୁ ମେଡିକାଲରେ ଭର୍ତ୍ତି କରିଛି। ପ୍ରକାଶ ଥାଉକି,ଶନିବାର ମଧ୍ୟାହ୍ନରେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଏକ ବାଇକ୍‌ରେ ଦୁଇଜଣ ଯୁବକ ଯାଉଥିଲେ। ତେବେ ଜାତୀୟ ରାଜପଥର କୁହୁଡିଫାଣ୍ଡି ନିକଟରେ ରାସ୍ତାପାଶ୍ୱର୍ରେ ଥୁଆ ହୋଇଥିବା ଏକ ଟ୍ରକ୍‌କୁ ବାଇକ୍ ପଛପଟୁ ଧକ୍କାଦେବା ଫଳରେ ବାଇକ ଆରୋହୀ ଦୁଇଜଣ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛିଟକି ପଡିଥିଲେ। ଖବର ପାଇ କୁହୁଡି ଫାଣ୍ଡି ଅଧିକାରୀ ବସନ୍ତ କୁମାର ମିଶ୍ର ଘଟଣା ସ୍ଥଳରେ ପହଁଞ୍ଚି ଥିଲେ। ଯୁବକ ଦୁଇ ଜଣଙ୍କ ଅବସ୍ଥାକୁ ଦେଖି ନିଜ ଗାଡ଼ିରେ ଦୁଇ ଜଣଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତୁରନ୍ତ ଚିକିତ୍ସା ପରେ ସେମାନଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥଲା। ଯୁବକ ଦୁଇ ଜଣଙ୍କ ଘର ଗଞ୍ଜାମ ଜିଲ୍ଲା ଖଲିକୋଟ ଅଞ୍ଚଳରେ ବୋଲି ଜଣାପଡିଛି।

# ନିରାକାରପୁର ଥାନା ଅଞ୍ଚଳରେ ପୁଲିସର ଫ୍ଲାଗମାର୍ଚ୍ଚ

**ନିରାକାରପୁର,୪।୫(ସମିସ)**:୨୦୨୪ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ, ଶୃଙ୍ଖଳିତ ମତଦାନ ଲାଗି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ପୁଲିସ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ ଓ ବଡପୋଖରୀଆ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ପୁଲିସ ଅଧିକାରୀ, ସିଏପିଏଫ କର୍ମଚାରୀଙ୍କ ସହ ପୁଲିସ ଫୋର୍ସ ଫ୍ଲାଗମାର୍ଚ୍ଚ କରିଥିଲେ। ଫ୍ଲାଗମାର୍ଚ୍ଚରେ ଏସ୍‌ପି ଅଭିନାଶ କୁମାର, ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର,ଆଇଆଇସି ବିଶ୍ୱଜିତ ରାଉତରାୟ, ଏସଆଇ ଅରବିନ୍ଦ ରାଉଳ,ଏସଆଇ ଦିପାଲୀସା ନାୟକ, ଏଏସଆଇ ତପନ କୁମାର ପ୍ରଧାନ, ଶ୍ରୀମତୀ ମଲ୍ଲିକ ଓ ଏଏସଆଇ ଶରତ କୁମାର ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସେହିପରି ଖୋର୍ଦ୍ଧା ଜିଲ୍ଲା ବର୍ଡର ଟାଙ୍ଗୀ ବ୍ଲକ ଲେଣ୍ଡୁ ଠାରେ ହୋଇଥିବା ଚେକ୍ ପୋଷ୍ଟ ପାଖକୁ ଯାଇ ତନଖି କରିଥିଲେ।

# ସ୍କାଉଟସ୍ ଓ ଗାଇଡସ୍ ପକ୍ଷରୁ ଦହିପଣା ବଣ୍ଟନ



**ଖୋର୍ଦ୍ଧା,୪।୫(ସମିସ)**: ଜାରୀ ରହିଛି ଗ୍ରୀଷ୍ମ ପ୍ରବାହ। ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟସ୍ ଓ ଗାଇଡସ୍ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିଛି। ପ୍ରଥମ ଦିନରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର ଓ ଡ଼. ଅମ୍ରିତା ପ୍ରୀତିନନ୍ଦା ଜଳଦାନ ଶିବିରକୁ ଉଦ୍‌ଘାଟନ କରିବା ସହିତ ପଥଚାରୀଙ୍କୁ ଦହି ପଣା ବଣ୍ଟନ କରିଥିଲେ । ଶନିବାର ଦ୍ୱିତୀୟ ଦିନରେ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଯୋଗଦେଇ ପଥଚାରୀଙ୍କୁ ଦହିପଣା ବଣ୍ଟନ କରିଥିଲେ। ଏହି ସହିତ ଜିଲ୍ଲା ସ୍କାଉଟସ୍ ଓ ଗାଇଡସ୍‌ର ସମ୍ପାଦକ ସୁଧାକର ମହାପାତ୍ର, ସହ ସମ୍ପାଦକ ପ୍ରକାଶ କୁମାର ପଲାଇ, ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ ସିଂ, ଖୋର୍ଦ୍ଧା ଜିଲ୍ଲା ଅମଲା ସଂଘ ସମ୍ପାଦକ ଅଶୋକ କୁମାର ପଣ୍ଡା, ଜିଲ୍ଲା ସ୍କାଉଟସ୍‌ର କମିଶନର ପ୍ରଭାକର ସାହୁ, ପ୍ରାକ୍ତନ ଜିଲ୍ଲା ଶାରୀରିକ ଶିକ୍ଷାନିରିକ୍ଷକ ପଠାଣି ଆଗ୍ରାସିଂ, ପ୍ରାକ୍ତନ ଜିଲ୍ଲା ପରିଚାଳନା କମିଶନର ଦିବାକର ପଟ୍ଟନାୟକ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

**ଷଷ୍ଠ ଦିନରେ ପ୍ରାର୍ଥିପତ୍ର ଦାଖଲ**

# ଲୋକସଭା ପାଇଁ ୩, ବିଧାନସଭା ପାଇଁ ୧୫ ନାମାଙ୍କନ




**ଖୋର୍ଦ୍ଧା,୪।୫(ସମିସ)**: ଶନିବାର ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ନିମନ୍ତେ ୩ଜଣ ପ୍ରାର୍ଥୀ ନାମାଙ୍କନ କରିଥିବାବେଳେ ସଂସଦୀୟ କ୍ଷେତ୍ର ଅଧିନ ୭ନିର୍ବାଚନମଣ୍ଡଳୀ ଏବଂ ପୁରୀ ସଂସଦୀୟ କ୍ଷେତ୍ର ଅଧିନ ଚିଲିକା ନିର୍ବାଚନମଣ୍ଡଳୀରେ ୧୫ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ରିଟର୍ଣ୍ଣି ଅଫିସରଙ୍କ ନିକଟରେ ଦାଖଲ କରିଥିବା ଜଣାଯାଇଛି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ବହୁଜନସମାଜ ପାର୍ଟି ପ୍ରାର୍ଥୀ ଭାବେ ଲଳିତ କୁମାର ନାୟକ ନାମାଙ୍କନପତ୍ର ଜିଲ୍ଲାପାଳ ଚଞ୍ଚଲ ରାଣାଙ୍କ ନିକଟରେ ଦାଖଲ କରିଛନ୍ତି।ଏଥିସହିତ ମାନସ ଲୋକଶକ୍ତି ଦଳ ପକ୍ଷରୁ ସାଂସଦ ପଦରେ ରିତୁନା ନାୟକ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ସ୍ୱାଧୀନ ଭାବରେ ସାଂସଦ ପ୍ରାର୍ଥୀ ସୁଧାଂଶୁ ଶେଖର ଦାସ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀମାନେ ନିରାଡମ୍ବର ଭାବେ ଯାଇ ତାଙ୍କ ପ୍ରାର୍ଥୀପତ୍ର ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିଛନ୍ତି। ସେହିପରି ବିଧାନସଭା ଜୟଦେବ ନିର୍ବାଚନମଣ୍ଡଳୀ ନିମନ୍ତେ ସମୃଦ୍ଧ ଓଡିଶା ରୁ ରଶ୍ମିତା ଭୋଇ, ଆପ ର ଦୀନବନ୍ଧୁ ନାୟକ ଓ ସ୍ୱାଧିନ ପ୍ରାର୍ଥୀ ଲୋକନାଥ ବେହେରା ନାମାଙ୍କନ କରିଛନ୍ତି। ଭୁବନେଶ୍ୱର (ଉତ୍ତର) ନିର୍ବାଚନ ମଣ୍ଡଳୀ ନିମନ୍ତେ ବହୁଜନ ସମାଜ ପାର୍ଟି ରୁ ଡ. ନଗେନ୍ଦ୍ର ନାଥ ମିଶ୍ର ଓ ସ୍ୱାଧିନ ପ୍ରାର୍ଥୀ ଡ. ଅକ୍ଷୟ କୁମାର ବାରିକ ନାମାଙ୍କନ ଭରିଛନ୍ତି। ଭୁବନେଶ୍ୱର (ଉତ୍ତର)ରେ କଂଗ୍ରେସରୁ ଅଶୋକ କୁମାର ଦାସ ଓ ସ୍ୱାଧିନ ପ୍ରାର୍ଥୀ ବିଭୁତି ଭୁଷଣ ସ୍ୱାଇଁ, ଏକାମ୍ର (ଭୁବନେଶ୍ୱର) ରୁ କଳିଙ୍ଗ ନ୍ୟାସନାଲ ଫ୍ରଣ୍ଟରୁ ମଧୁଛନ୍ଦା ଜେନା ଆଜି ପୁନର୍ବାର ନାମାଙ୍କନ କରିଛନ୍ତି। ଜଟଣୀ ନିର୍ବାଚନ ମଣ୍ଡଳୀ ନିମନ୍ତେ ବିଜେଡି ପ୍ରାର୍ଥୀ ବିଭୂତି ବଳବନ୍ତରାୟ ପୁନର୍ବାର ନାମାଙ୍କନ ଭରିଥିବାବେଳେ ମାନସ ଲୋକଶକ୍ତି ଦଳରୁ ପ୍ରଦୀପ ଭୋଇ ଓ ସ୍ୱାଧିନ ପ୍ରାର୍ଥୀ ମନୋଜ କୁମାର ପ୍ରଧାନ ନାମାଙ୍କନ କରିଛନ୍ତି। ବେଗୁନିଆ ନିର୍ବାଚନମଣ୍ଡଳୀରେ ମାନସ ଲୋକଶକ୍ତି ଦଳରୁ ମାନସ ରଞ୍ଜନ ଦାସ, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ବହୁଜନ ସମାଜ ପାର୍ଟି ରୁ ରାଜକିଶୋର ନାୟକ ଓ ସୁପ୍ରିମ ଜିରୋ ପାର୍ଟି ଅଫ ଭାରତର ପ୍ରାର୍ଥୀ ବ୍ରହ୍ମଚାରୀ ନାୟକ, ଚିଲିକା ନିର୍ବାଚନ ମଣ୍ଡଳୀ ନିମନ୍ତେ ଆପ ପ୍ରାର୍ଥୀ ସଂଗ୍ରାମ କେଶରୀ ପରିଡା ନାମାଙ୍କନ ଭରିଛନ୍ତି।

# ଦିନିଆରୀରେ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ



**ବେଗୁନିଆ,୪।୫(ସମିସ)**: ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତ ଅନ୍ତର୍ଗତ ଦିନିଆରୀ ଗ୍ରାମ ନୂଆସାହିସ୍ଥିତ ଶ୍ରୀ ଭାଗବତ ବାସୁଦେବଙ୍କ ପୀଠରେ ତିନିଦିନ ଧରି ଓଡ଼ିଶୀ ସଙ୍କୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ଅଧିବାସ ସହ କଳସ ଶୋଭାଯାତ୍ରା ସହ ଓଡ଼ିଶୀ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ଗାୟକ ଲକ୍ଷ୍ମୀଧର ପଣ୍ଡା, ଗଣେଶ୍ୱର ନିଶଙ୍କ, ଭୁବନେଶ୍ୱର ଦାସ, ଗନ୍ଧର୍ବ ବାବା, ମାୟାଧରହୋତା, ରଶ୍ମୀ ରଞ୍ଜନ ହୋତା, ଅଭିଜିତ ହୋତା ଓ ଗାୟିକା ରଞ୍ଜିତା ପରିଡ଼ାଙ୍କ ସହ ସାଥି ମାନେ ଯୋଗ ଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡ଼ି ଦଳର ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ବିଜେଡ଼ି ସମ୍ପାଦକ ପ୍ରଦୀପ କୁମାର ସାହୁ, ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ଓ ପୂର୍ବତନ ସରପଞ୍ଚ ସୁଦର୍ଶନ ମାଣିକ ଯୋଗ ଦେଇ ଭଗବତ ପ୍ରେମୀଙ୍କୁ ଉତ୍ସାହିତ କରିଥିଲେ।

